

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୨୩ ● ୩୧ ମଇ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-123 ● 31th May 2024, Friday ● Bhubaneswar
Licensed to post without pre-payment of postage No- BN-60/22-24




## ସରିଲା ଶେଷ ପର୍ଯ୍ୟାୟ ନିର୍ବାଚନ ପ୍ରଚାର, ଦିନକ ପରେ ଭୋଟ

# ୪୬୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା : ସିଇଓ



**ଭୁବନେଶ୍ୱର, ୩୦/୦୫**
**ନ୍ୟୁଜ ବ୍ୟୁରୋ**

ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର। ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ଓ ୪୨ଟି ବିଧାନସଭା ଆସନ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ପର୍ଯ୍ୟାୟରେ ସବୁଠାରୁ ଅଧିକ ଭୋଟର ରହିଛନ୍ତି । ସମୁଦାୟ ୯୯ ଲକ୍ଷ ୬୧ ହଜାର ୦୫୭ ଭୋଟର ମତଦାନ କରିବେ । ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ସୂଚନା ଦେଇଛନ୍ତି।

ସିଇଓ ଶ୍ରୀ ଧଳଙ୍କ ସୂଚନା ଅନୁସାରେ ଏହି ପର୍ଯ୍ୟାୟରେ ସମୁଦାୟ ପୁରୁଷ ଭୋଟର ୫୦ ଲକ୍ଷ ୮୮ହଜାର ୦୭୬, ମହିଳା ଭୋଟର ୪୮ଲକ୍ଷ ୭୨ ହଜାର ୨୯୪ ଏବଂ ତୃତୀୟଲିଙ୍ଗୀ ଭୋଟର ୬୮୭ ଜଣ ରହିଛନ୍ତି। ୧୦ ହଜାର ୮୮୨ଟି ମତଦାନ କେନ୍ଦ୍ରରେ ମତଦାନ କରିବେ ଭୋଟର । ୧୪ ଶହ ବୁଥ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ, ସେଥିମଧ୍ୟରୁ ୨୦ % ଆଦର୍ଶ ବୁଥ ରହିଛି । ୭୦ ହଜାରରୁ ଅଧିକ ପୋଲିଂ କର୍ମଚାରୀ ନିୟୋଜିତ ହେବେ । ଶ୍ରୀ ଧଳ ଆହୁରି କହିଛନ୍ତି,'ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ୪୬୦ ଜଣ ପ୍ରାର୍ଥୀ ଅଛନ୍ତି , ସେମାନଙ୍କ ମଧ୍ୟରେ ୩୯୪ ବିଧାନସଭା ପ୍ରାର୍ଥୀ ଓ ୬୬ ଲୋକସଭା ପ୍ରାର୍ଥୀ ରହିଛନ୍ତି । ସୁରକ୍ଷା ପାଇଁ ୧୨୫ କମ୍ପାନୀ ସିଏପିଏଫ୍ ମୁତୟନ ହେବେ । ଯାଜପୁରରେ ୨୦, ବାଲେଶ୍ୱରରେ ୨୨, କେନ୍ଦ୍ରାପଡ଼ାରେ ୧୮, ଭଦ୍ରକରେ ୧୬, ଜଗତସିଂହପୁରରେ ୧୨, ମୟୂରଭଞ୍ଜରେ ୧୮, କଟକରେ ୧୨, ପୁରୀରେ ୭ କମ୍ପାନୀ ସିଏପିଏଫ୍ ମୁତୟନ ହେବେ । ଭିନ୍ନକ୍ଷମ ଭୋଟରଙ୍କ ପାଇଁ ନିଃଶୁଳ୍କ ପରିବହନ ବ୍ୟବସ୍ଥା ହୋଇଛି । ପୋଲିଂ ବୁଥକୁ ମୋବାଇଲ ବାରଣ କରାଯାଇଛି। ତେଣୁ ଏଜେଣ୍ଟ ଓ ଭୋଟର ବୁଥକୁ ମୋବାଇଲ ନେଇପାରିବେ ନାହିଁ । ୨୦୧୯ରେ ଏହି ୬ଟି ସଂସଦୀୟ କ୍ଷେତ୍ରରେ ୭୪% ମତଦାନ ହାର ରହିଥିଲା। ଶ୍ରୀଧଳଙ୍କ ସୂଚନା ଅନୁସାରେ ବୋଲଗଡ଼ର ବୁଥ ଭିତର ସିସିଟିଭି ଭିଡିଓ ଭାଇରାଲ ଘଟଣାରେ ତଦନ୍ତ କରି ରିପୋର୍ଟ ଦେବେ ଖୋର୍ଦ୍ଧା ଜିଲ୍ଲାପାଳ । ଗତ ୩ଟି ନିର୍ବାଚନ ପୂର୍ବରୁ ଜବତ ହୋଇଥିବା (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀ ନବୀନଙ୍କ ବଡ଼ ବୟାନ: 'ପାଣ୍ଡିଆନ ମୋର ଉତ୍ତରାଧିକାରୀ ନୁହନ୍ତି, ସ୍ଥିର କରିବେ ଓଡ଼ିଶାବାସୀ'



**ଭୁବନେଶ୍ୱର, ୩୦/୦୫**
**ନ୍ୟୁଜ ବ୍ୟୁରୋ**

ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ପ୍ରବଳ ଖରା ସତ୍ତ୍ୱେ ସାରା ରାଜ୍ୟରେ ବୁଲି ନିର୍ବାଚନ ପ୍ରଚାର କରିଛି। ଚଳିତ ନିର୍ବାଚନରେ ବିଜେଡି ବିପୁଳ ବିଜୟ ହାସଲ କରିବ ଏବଂ ଏଥର ବି ରାଜ୍ୟରେ ବିଜେଡି ଦୃଢ ସରକାର ଗଠନ କରିବ। ମୁଁ ମୁଖ୍ୟମନ୍ତ୍ରୀ ହେବା ପାଇଁ ମଧ୍ୟ ଆଶାବାଦୀ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ନବୀନ ପଟ୍ଟନାୟକ। ସେହିପରି ମୋ ଉତ୍ତରାଧିକାରୀ ଭି.କେ ପାଣ୍ଡିଆନ ନୁହଁନ୍ତି ଓ ମୋ ଉତ୍ତରାଧିକାରୀ ଓଡିଶାବାସୀ ବାଛିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ବିଜେଡିରେ ଭି.କେ ପାଣ୍ଡିଆନଙ୍କ ଭୂମିକା ନେଇ ବିଜେପି ବାରମ୍ବାର ଶାଣିତ ଟାର୍ଗେଟ କରୁଛି । ମୁଖ୍ୟମନ୍ତ୍ରୀ ଜାଣି ପାରୁନାହାନ୍ତି ଓ ତାଙ୍କୁ ଏକ କ୍ଷମତା ଭୋଗକାରୀ ଗୋଷ୍ଠୀ କବଜା କରିନେଇଥିବା ନେଇ ବୁଧବାର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟିପ୍ପଣୀ କରିବାର କିଛି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଜାତୀୟ ଖବର ସରବରାହ ସଂସ୍ଥା 'ଏଏନଆଇ'କୁ ଏକ ବିସ୍ତୃତ ସାକ୍ଷାତକାରରେ ଏପରି ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏଥର ବିଜେଡି ସରକାର କରିବା ନିଶ୍ଚିତ । ଲୋକସଭାରେ ମଧ୍ୟ ଦଳ ଭଲ ଫଳ କରିବ। ଯଦି ବିଜେପି ସରକାର ଗଠନ କରେ, ତେବେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପାଇଁ କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଥିବା ପ୍ରଶ୍ନରେ ନବୀନ ତାଙ୍କ ଉତ୍ତର ଦୋହରାଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ତାଙ୍କର ଭଲ ବନ୍ଧୁ । ଯଦି ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତିତ (ପୃଷ୍ଠା ୭ରେ)

# ପୁରୀରେ ବାଣ ବିସ୍ଫୋରଣ: ୩ ମୃତ, ୩୦ରୁ ଅଧିକ ଆହତ

**ପୁରୀ, ୩୦/୦୫**
**ନ୍ୟୁଜ ବ୍ୟୁରୋ**

ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳ ବେଳେ ଅଘଟଣ । ବାଣ ଫୁଟି ଲୋକଙ୍କ ଉପରେ ପଡିବାରୁ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ୧୫ ବର୍ଷୀୟ ନାବାଳକ ରହିଛନ୍ତି। ସେହିପରି ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲରେ ମଧ୍ୟ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବୁଧବାର ସନ୍ଧ୍ୟାରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଚାପ ଖେଳ ବେଳେ ଏହି ଅଘଟଣ ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ କିଛି ଜଣଙ୍କୁ କଟକ ଓ ଭୁବନେଶ୍ୱର ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ଶ୍ରଦ୍ଧାଳଙ୍କୁ ଅବସ୍ଥା ଗୁରୁତର ରହିଛି । ବିସ୍ଫୋରଣରେ ୩୦ରୁ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles
24 hours help line :

## ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
## ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ସହାୟତା ଘୋଷଣା



**ଭୁବନେଶ୍ୱର, ୩୦/୦୫**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ସମ୍ ଅଲ୍ଟିମେଟ୍ ହସ୍ପିଟାଲକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ପୁରୀର ବାଣ ଦୁର୍ଘଟଣାର ଆହତମାନଙ୍କୁ ଭେଟିଥିଲେ। ସେମାନଙ୍କର ଚିକିତ୍ସା ବ୍ୟବସ୍ଥାରେ ରହିଥିବା ମୁଖ୍ୟ ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ପୁରୀ ବାଣ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଏହି ତଦନ୍ତ କରିବେ। ଦୁର୍ଘଟଣାରେ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବୁଧବାର ପୁରୀ ବାଣ ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ ଏହି ବାଣ ଦୁର୍ଘଟଣାରେ ୩ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୩୦ ଜଣ ଆହତ ହୋଇଛନ୍ତି।

# କେରଳ ଛୁଇଁଲା ମୌସୁମୀ, ଆହୁରି ୩ ଦିନ ଗରମରେ ସନ୍ତୁଳି ହେବ ଓଡ଼ିଶା



**ଭୁବନେଶ୍ୱର, ୩୦/୦୫**
**ନ୍ୟୁଜ ବ୍ୟୁରୋ**

ଗୁରୁବାର କେରଳ ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ନିର୍ଦ୍ଧାରିତ ସମୟର ୨ ଦିନ ପୂର୍ବରୁ କେରଳ ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ୨୦୨୩ରେ ଗୋଟିଏ ସପ୍ତାହ ବିଳମ୍ବରେ ପହଞ୍ଚିଥିଲା ମୌସୁମୀ । ଆଉ ନିଅଣ୍ଟିଆ ବର୍ଷାର କଷ୍ଟ ଭୋଗିଥିଲା ଓଡ଼ିଶା । କିନ୍ତୁ ଚଳିତବର୍ଷ ନିର୍ଦ୍ଧାରିତ ସମୟରେ ଓଡ଼ିଶା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଛୁଇଁବା ଆକଳନ କରାଯାଉଛି । ଏଥିସହ ଭଲ ବର୍ଷା ହେବାର ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ ।

ଅନ୍ୟପଟେ କିନ୍ତୁ ଜଳୁଛି ଓଡ଼ିଶା । ରାଜ୍ୟରେ ଅସହ୍ୟ ତାତି,ଗୁଳୁଗୁଳିରେ ଛଟପଟ୍ ହେଉଛନ୍ତି ରାଜ୍ୟବାସୀ। ଗୁରୁବାର ୪୬.୬ ଡିଗ୍ରୀ ସହ ଝାରସୁଗୁଡା ସବୁଠାରୁ ଉତ୍ତପ୍ତ ସହର ଭାବେ ରେକର୍ଡ କରାଯାଇଛି। ସମ୍ବଲପୁର ୪୫.୬, ହୀରାକୁଦ ୪୪.୫, ରାଉରକେଲା ୪୩.୮, କେନ୍ଦୁଝରର ୪୧.୪, ବାଲେଶ୍ୱର ୩୬.୬, (ପୃଷ୍ଠା ୭ରେ)









# ଘରଘର ବୁଲି ଯୋଡ଼ି ଶଙ୍ଖରେ ଭୋଟ୍ ଦେବାକୁ ନିବେଦନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ୧୦ନଂ ୱାର୍ଡରେ କାଉନ୍‌ସିଲର ରଶ୍ମିତା ସିଂହଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାବାଞ୍ଜିର ପୂର୍ବତନ ବିଧାୟକ ଅୟୁବ ଖାନ, ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ସିଂହଙ୍କ ସହିତ କିଶୋର କୁମାର ସିଂହ, ଭରତ ସିଂହ, ନୁର ଖାନ, ବୁହାନ ଖାନ, ଡଲିପ୍ରଭା ମେକାପ, ସ୍ୱର୍ଣ୍ଣଲତା ମେକାପ, ଅନୁସୟା ମେକାପ, ସୁଲୋଚନା ମେକାପ ପ୍ରମୁଖ ଉପସ୍ଥିତ ରହି, ୧୦ନଂ ୱାର୍ଡର ପ୍ରତ୍ୟେକ ଘର ଘର ବୁଲି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରାଙ୍କୁ ଯୋଡ଼ି ଶଙ୍ଖରେ ଭୋଟ୍ ଦେଇ ଓଡ଼ିଶାର ବିକାଶକୁ ଆଗେଇ ନେବାପାଇଁ ଭୋଟର ମାନଙ୍କୁ ବୁଝାଇବା ସହ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୋଡ଼ି ଶଙ୍ଖରେ ଭୋଟ୍ ଦେବାକୁ ନିବେଦନ କରିଛନ୍ତି । ଏଥି ସହିତ ମହିଳା, ଶିଶୁ, ଯୁବକ, ଯୁବତୀ ମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟର ମାନଙ୍କୁ ବୁଝାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ୱାର୍ଡବାସୀ, ମହିଳା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ଛାତ୍ର ଜନତା ଦଳର ବିଶାଳ ପଦଯାତ୍ରା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବିଜୁ ଛାତ୍ର ଜନତା ଦଳ ଶାନ୍ତି ବଜାରର ସାର୍ଥକ୍ ହସ୍‌ପିଟାଲ୍ ଠାରୁ ନୂଆ ଗାଁ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ମାଧ୍ୟମରେ ଆସି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଯେଉଁ ବୃତ୍ତି ଦେଇଛନ୍ତି ଏବଂ ଘୋଷଣା କରିଛନ୍ତି ଷଷ୍ଠ ଥର ଭାବେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲା ପରେ ସେହି ଛାତ୍ର ବୃତ୍ତିକୁ ଝିଅ ପିଲାମାନଙ୍କ ପାଇଁ ୧୪୦୦୦ ପୁଅ ପିଲା ମାନଙ୍କ ପାଇଁ ୧୨୦୦୦ କରିବେ । ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ତେଣୁ ଛାତ୍ର ସମାଜ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ଓ ପ୍ରଣବ କୁମାର ବଳବନ୍ତରାୟଙ୍କୁ ୩ୟ ଥର ବିଜୟୀ କରିବାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏହି ପଦଯାତ୍ରାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ଶାନ୍ତି ବଜାରରୁ ଜାରକା ବଜାର ବାଟେ ଆସିବା ବେଳେ ଦୁଇ ପାର୍ଶ୍ୱରେ ଥିବା ଦୋକାନ ମାନଙ୍କରେ ଶହ ଶହ ଲୋକ ରହି ପଦଯାତ୍ରାକୁ ଦେଖୁଥିଲେ । ଏହାର ନେତୃତ୍ୱ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ନେଇଥିବା ବେଳେ ଜିଲ୍ଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଏବଂ ବ୍ଲକ୍ ଛାତ୍ର ସଭାପତି ଜଗଦାନନ୍ଦ ରାଉତ ଏହାକୁ ପରିଚାଳନା କରିଥିଲେ ।

# ୨୫ତମ ଚିଲିକା ମତ୍ସ୍ୟଜୀବୀଙ୍କ ସହିଦ ଦିବସ ପାଳିତ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

୧୯୯୯ ମସିହାରେ ସୋରାନଘୋଡ଼ା ଦୌଡ ପେଣ୍ଠ ଠାରେ ଚିଲିକା ବଞ୍ଚାଅ ମତ୍ସ୍ୟଜୀବୀ ବଞ୍ଚାଅ ଆହ୍ୱାନରେ ଶାସକ ଓ ପ୍ରଶାସକ ଅମାନୁଷିକ ଗୁଳି କାଣ୍ଡରେ ୫ ଜଣ ମତ୍ସ୍ୟଜୀବୀ ସହିଦ ହୋଇଥିଲେ ସେମାନେ ହେଲେ ବାଞ୍ଛାନିଧି ବେହେରା, ଦିଗମ୍ବର ବେହେରା, ସୁଦର୍ଶନ ବେହେରା, ପ୍ରମିଳା ବେହେରା ଓ ଲିଙ୍ଗରାଜ ବେହେରା ପ୍ରମୁଖ । ଆଜିର ଦିନରେ ମନେ ପକାଇ ଚନ୍ଦ୍ରା ପୁଟ ଠାରେ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ଗଣପରିଷଦ ଆନୁକୂଲ୍ୟରେ ୨୫ ତମ ଶହିଦ ଦିବସ ପାଳନ କରାଯାଇଥିଲା । ଅନୁଷ୍ଠିତ ସଭାରେ ଚିଲିକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଶହିଦ ମତ୍ସ୍ୟଜୀବୀଙ୍କ ଜୀବନ ବ୍ୟର୍ଥ ଯିବ ନାହିଁ । ସେ ଆମକୁ ନୀତି ଶିକ୍ଷା ଚିଲିକା ଆନ୍ଦୋଳନକୁ ଉଜ୍ଜୀବିତ କରିବାରେ ସହାୟକ ହୋଇଛି, ଆଗାମୀ ଦିନରେ ମତ୍ସ୍ୟଜୀବୀଙ୍କ ମୌଳିକ ଅଧିକାର ପାଇଁ ଜୀବନ ଦେବୁ ବୋଲି ମତ୍ସ୍ୟଜୀବୀ ନେତା ତଥା ସଂଘ ସମ୍ପାଦକ ଭୀମସେନ ବେହେରା ବକ୍ତବ୍ୟ ମାଧ୍ୟମରେ ଉଲ୍ଲେଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭଞ୍ଜକିଶୋର ବେହେରା ଉପଦେଷ୍ଟା ମଣ୍ଡଳୀ ଗୋବିନ୍ଦ ଜାଲି, ସେନାପତି ବେହେରା, ନାରାୟଣ ବେହେର, ଧର୍ମାନନ୍ଦ କେଇ, ଦୁଃଖିଶ୍ୟାମ୍ ବେହେରା, ପ୍ରକାଶ ବେହେରା, ଗାଜଲ୍ ବେହେରା, ଗୋଲେଖ ବେହେରା ପ୍ରମୁଖ ସମ୍ୟକ୍ ଭାଷଣ ମାଧ୍ୟମରେ ସହିଦ ପରିବାର, ସଙ୍ଗଠନ ଓ ଚିଲିକା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦେବକୀ ବେହେରା, ବାନମ୍ବର୍ କେଇ, ଅମନ ମଣ୍ଡଳ, ପ୍ରଦୀପ ଦାସ, ମୋହନ ବେହେରା, ରଙ୍କନଥ ଜାଲି, ଲକ୍ଷ୍ମୀଧର ବେହେରା ସମେତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ ।

# ଏନ୍.ଏସ୍.ପୋଲିସ ହାଇସ୍କୁଲର ଏ-୧ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଦୁଇ ଜଣ ଯାଆଁଳା ଭାଇ ଅନିଶ କୁମାର ନାୟକ ଏବଂ ଅଙ୍କିତ କୁମାର ନାୟକଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏହି ଦୁଇ ଯାଆଁଳା ଭାଇ ତଥା ଛାତ୍ର ଦ୍ୱୟଙ୍କ ସଫଳତା ସହ ବିଦ୍ୟାଳୟର ଶତ ପ୍ରତିଶତ ପାସ୍ ହାର ପାଇଁ ବିଦ୍ୟାଳୟର ଗୌରବ ବୃଦ୍ଧି ହୋଇଛି ବୋଲି ମତ ପ୍ରକାଶ କରିଥିଲେ । ଉଭୟ ଛାତ୍ର ତାଙ୍କର ସଫଳତାର ଶ୍ରେୟ ଈଶ୍ୱରଙ୍କ ଆଶୀର୍ବାଦ, ପିତା ମାତା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଇଛନ୍ତି । ଶିକ୍ଷକ ଗୁରୁଦେବ ମହାନ୍ତ, କମଳ ଲୋଚନ ପ୍ରଧାନ, ବିଜୟ କୁମାର ବେହେରା, ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର, ମମତାରାଣୀ ମହାନ୍ତ, ସାଗରିକା ସାହୁ, କଳାବତୀ ଦେହୁରୀ, ଶିକ୍ଷା କର୍ମଚାରୀ ଚିନ୍ମୟ ପ୍ରଧାନ, ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଓଡ଼ିଶା ପ୍ରଗତିର ପ୍ରତିବନ୍ଧକ ସାଜିଛି ବିଜେପି ଶାସିତ କେନ୍ଦ୍ର ସରକାର:ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ରାଜ୍ୟସଭା ସାଂସଦ ମମତା ମହନ୍ତ ଓଡ଼ିଶାର ବିଭିନ୍ନ ନ୍ୟାର୍ଯ୍ୟ ଦାବିକୁ କେନ୍ଦ୍ର ସରକାର ଅଣଦେଖା କରିଆସୁଥିବାର ଅଭିଯୋଗ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ମୁଖପାତ୍ର ତଥା ମିଡ଼ିଆ କୋର୍ଡ଼ିନେଟର ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ । ଶ୍ରୀମତୀ ମହନ୍ତ କହିଥିଲେ, ରେଳବାଇ କ୍ଷେତ୍ରରେ କ୍ରମାଗତ ଭାବେ ଅବହେଳାର ଶିକାର ହୋଇଆସୁଛି ଓଡ଼ିଶା । କେନ୍ଦ୍ରରେ ଥିବା ସରକାର ମାନଙ୍କ ଦ୍ୱାରା ସ୍ୱାଧୀନତାର ୭୬ ବର୍ଷ ପରେ ବି ଓଡ଼ିଶାକୁ ଏହାର ହକ୍ ମିଳି ପାରିନାହିଁ । ଓଡ଼ିଶାର ରେଳପଥ ସାନ୍ଦ୍ରତା ଯେ କେବଳ ଜାତୀୟ ହାରାହାରି ସାନ୍ଦ୍ରତା ଠାରୁ କମ୍ ରହିଛି ତାହା ନୁହେଁ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟ ଠାରୁ ମଧ୍ୟ ଯଥେଷ୍ଟ ପଛରେ ରହିଛି । ପୂର୍ବ ଭାରତର ବିକାଶ କଥା ବାରମ୍ବାର ଡିଣ୍ଡିମ ପିଟା ଯାଉଥିବା ବେଳେ, ଓଡ଼ିଶା ପୂର୍ବ ଭାରତର ରାଜ୍ୟ ମାନଙ୍କ ତୁଳନାରେ ରେଳ ସାନ୍ଦ୍ରତା କ୍ଷେତ୍ରରେ ସବୁଠାରୁ ତଳେ ରହିଛି । ରେଳ ସାନ୍ଦ୍ରତା ଉପରେ ପୂର୍ବ ଭାରତର ରାଜ୍ୟ ମାନଙ୍କ ତଥ୍ୟ ଦେଇ କହିଥିଲେ ଆସାମର ରେଳ ସାନ୍ଦ୍ରତା ୩୧.୫୧୯ ମିଟର ପ୍ରତି ବର୍ଗକିଲୋମିଟର ରହିଥିଲା ବେଳେ ବିହାରର ୩୯.୬୧୭ ମିଟର ପ୍ରତି ବର୍ଗକିଲୋମିଟର, ଝାରଖଣ୍ଡର ୩୦.୦୩୮ ମିଟର ପ୍ରତି ବର୍ଗକିଲୋମିଟର, ପଶ୍ଚିମବଙ୍ଗର ୩୧.୧୪୦ ମିଟର ପ୍ରତି ବର୍ଗକିଲୋମିଟର ରହିଛି । ଏହି ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାର ରେଳ ସାନ୍ଦ୍ରତା ୧୬.୫୧୯ ମିଟର ପ୍ରତି ବର୍ଗକିଲୋମିଟର, ଅର୍ଥାତ୍ ସର୍ବନିମ୍ନ ରହିଛି । ଅନ୍ୟପକ୍ଷରେ ଗତ ୧୦ ବର୍ଷ ମଧ୍ୟରେ ରେଳବାଇ ବିଭାଗ ଓଡ଼ିଶାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଛି । ଆଜି ବି ରାଜ୍ୟର ୭ଟି ଜିଲ୍ଲା ରେଳସେବାରୁ ବଞ୍ଚିତ ହୋଇ ରହିଛି । ଓଡ଼ିଶାରେ ରେଳବାଇର କୌଣସି ନୂଆ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଏବଂ ୫୦ ପ୍ରତିଶ୍ରତ ଅର୍ଥ ପ୍ରଦାନ କରୁଥିଲେ ହେଁ ଏଯାଏ ଅନେକ ରେଳ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇପାରୁନାହିଁ । ଓଡ଼ିଶାରେ ଅନେକ ରେଳ ପ୍ରକଳ୍ପ ଯଥା, ପାରାଦୀପ-ହରିଦାସପୁର, ବୁଢ଼ାମରା– ଚାକୁଲିଆ, ବାଙ୍ଗିରିପୋଷି – ଗୋରୁ ମହିଷାଣୀ, ବାଦାମ ପାହାଡ – କେଉଁଝର, ତାଳଚେର – ବିମଳାଗଡ, ଜୟପୁର-ନବରଂଗପୁର, ଜୟପୁର-ମାଲକାନଗିରି, ଖୋର୍ଦ୍ଧା–ବଲାଙ୍ଗୀର ଇତ୍ୟାଦି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି । ସେହିପରି ବାଙ୍ଗିରିପୋଷି-ରୁପସା ରେଳ ଲାଇନ ସିଙ୍ଗଲ ଲାଇନ୍ ଥିବା ଫଳରେ ଯାତ୍ରା ବିଳମ୍ବ ହେଉଛି ଏବଂ ଗୁଡ୍ସ ଟ୍ରେନ୍ ବାରିପଦା ଓ ବାଙ୍ଗିରିପୋଷି ଯାଇପାରୁ ନାହିଁ । ନୂଆଗାଁ ଷ୍ଟେସନ୍ ଠାରୁ ଠାକୁର ତୋଟା ଷ୍ଟେସନ୍ ବାଇପାସ୍ ଲିଙ୍କ ନିର୍ମାଣ ସକାଶେ ବାରମ୍ବାର ଦାବି ହେଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି । ଯାହାଫଳରେ ବାରିପଦାରୁ କଲିକତା ଟ୍ରେନ୍ ସିଧା ଯାତାୟାତ କରିପାରୁନାହିଁ । ସପ୍ତାହକୁ ଥରେ ଚଳାଚଳ କରୁଥିବା ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଟ୍ରେନ୍‌କୁ ପ୍ରତ୍ୟେକ ଦିନ ଚାଲୁ କରିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି । ସପ୍ତାହକୁ ଚାରିଦିନ ଚାଲୁଥିବା ଭଞ୍ଜପୁର-ଶାଲିମାର ଟ୍ରେନ୍‌କୁ ସପ୍ତାହରେ ୭ଦିନ ଚାଲିବାକୁ ଦାବି ହୋଇଆସୁଛି । ଶାଲିମାର ବଦଳରେ ହାୱଡ଼ାକୁ ସଂଯୋଗୀକରଣ ହେଲେ ରେଳଯାତ୍ରୀ ଅଧିକା ଉପକୃତ ହେବେ । ବାରମ୍ବାର ଦାବି କରିବା ସତ୍ତ୍ୱେ ବାଙ୍ଗିରିପୋଷି ଘାଟି ଜାତୀୟ ରାଜପଥକୁ ପ୍ରଶସ୍ତିକରଣ ନକରିବାରୁ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିକଳ୍ପ ବାଇପାସ୍ ରାସ୍ତା ନିର୍ମାଣ କରାଯାଉଛି । ମୟୂରଭଞ୍ଜ ସ୍ଥିତ ବମ୍ଫେ ଛକରେ ଦୀର୍ଘ ଦିନ ଧରି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ଫଳରେ ଏହି ରାସ୍ତା ଏବେ ମରଣଜନ୍ତା ପାଲଟିଛି । ଆମ ରାଜ୍ୟ ଜନସଂଖ୍ୟାର ୨୨.୮୫% ଆଦିବାସୀ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ନିକଟରୁ ଆଦିବାସୀ ମାନଙ୍କ ନ୍ୟାର୍ଯ୍ୟ ହକ୍ ଆଜି ଯାଏଁ ମିଳିପାରିନାହିଁ । ହୋ, ମୁଣ୍ଡାରୀ, ଭୂମିଜ, କୁଇ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇପାରିନାହିଁ । ଅପରପକ୍ଷରେ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ ୨୩ଟି ଜିଲ୍ଲାରେ ସ୍ୱେଶାଲ ଡେଭଲପମେଣ୍ଟ କାଉନସିଲ ଗଠନ କରି ଆଦିବାସୀ ଭାଷା ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି । ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ସକାଶେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ୨୦୧୫ ମସିହାରେ କେନ୍ଦ୍ର ସରକାର ଓଡ଼ିଶାର ସାତଟି କୋଷ୍ଟାଲ ଜିଲ୍ଲାକୁ ସଂଯୋଗ କରି ଏକ କୋଷ୍ଟାଲ ରାଜପଥ ତିଆରି କରିବା ପାଇଁ ଘୋଷଣା କରିଥିଲେ । ଏହି ଉପକୂଳ ଜାତୀୟ ରାଜପଥ ନିର୍ମାଣ ହେଲେ ଗମନା ଗମନ ସୁବିଧା ହେବା ସଙ୍ଗେ ବାଣିଜ୍ୟ, ଶିଳ୍ପ ଓ ଟୁରିଜିମ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ହୋଇପାରିବ ବୋଲି କୁହାଯାଇଥିଲା । ବାରମ୍ବାର ରାଜ୍ୟ ସରକାର ଓ ବିଜୁ ଜନତା ଦଳର ସାଂସଦମାନେ ପାର୍ଲିଆମେଣ୍ଟରେ ଏ ବିଷୟ ଉତ୍ଥାପନ କଲେ ମଧ୍ୟ କେନ୍ଦ୍ର ସରକାର ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ନିର୍ବାଚନ ସମୟରେ ଓଡ଼ିଶା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି ନେତାମାନେ ଯଦି ଟିକେ ଆଗ୍ରହ ପ୍ରକାଶ କରିଥାନ୍ତେ ତାହେଲେ ଆଜି ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଜିଲ୍ଲା ସହିତ ରାଜ୍ୟର ଅର୍ଥନୀତି ସୁଦୃଢ଼ ହୋଇପାରିଥାନ୍ତା ।

# ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଅବକାରୀ ସାମଗ୍ରୀ ବିକ୍ରୟ ଉପରେ ନିଷେଧାଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର, ନିଆଳି ଓ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭୋଟ୍ ଗ୍ରହଣ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରକାରର ଅବକାରୀ ସାମଗ୍ରୀ ବିକ୍ରୟ ଉପରେ ନିଷେଧାଦେଶ ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଏହିସବୁ ନିର୍ବାଚନମଣ୍ଡଳୀ, ନିର୍ଗୁଣ୍ଡି ସ୍ଥିତ ଓଏସବିସି ଡିପୋ ଏବଂ କଟକ ଜିଲ୍ଲାକୁ ସଂଯୋଗ କରୁଥିବା ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପରିସୀମାର ୭ରୁ ୧୦ କିଲୋମଟର ଦୂରରେ ଅବସ୍ଥିତ ସମସ୍ତ ଅବକାରୀ ସାମଗ୍ରୀ ବିକ୍ରୟ ଦୋକାନକୁ ବନ୍ଦ ରଖାଯିବା ସହ ସେସବୁକୁ ସିଲ୍ କରାଯିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଏହି କ୍ରମରେ ଏହି ସବୁ ସ୍ଥାନରେ ତା୩୦.୦୫.୨୦୨୪ରିଖ ଅପରାହ୍ନ ୪ଟା ଠାରୁ ତା ୦୧.୬.୨୦୨୪ରିଖ ବିକ୍ରୟ ବନ୍ଦ ହେବା ସମୟ ପର୍ଯ୍ୟନ୍ତ ଏବଂ ଭୋଟ୍ ଗଣତି ଦିନ ତା ୦୪.୦୬.୨୦୨୪ରିଖ ସମଗ୍ର ଦିନ ସମସ୍ତ ଅବକାରୀ ସାମଗ୍ରୀ ଦୋକାନଗୁଡ଼ିକ ବନ୍ଦ ରହିବ । ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ତଥା ଭୋଟ୍ ଗଣତି ନିମନ୍ତେ ନିର୍ବାଚନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ଏବଂ ଭୋଟ୍ ଗଣତି ଦିନ କୌଣସି ସ୍ପିରିଟଯୁକ୍ତ ପାନୀୟ, ଫର୍ମେନଟେଡ ବା ବିଷାକ୍ତ ମଦ୍ୟ କିମ୍ବା ଏହିଭଳି ଅନ୍ୟ କୌଣସି ପଦାର୍ଥ କୌଣସି ହୋଟେଲ୍, ଖାଇବା ଘର, ମଧୁଶାଳା, ଦୋକାନ, କୌଣସି ସରକାରୀ ବା ବେସରକାରୀ ସ୍ଥାନରେ ବିକ୍ରୟ କିମ୍ବା ବଣ୍ଟନ କରାଯାଇପାରିବ ନାହିଁ । ଏହି ବନ୍ଦ ସମୟ ମଧ୍ୟରେ ମଦ୍ୟ ପ୍ରସ୍ତୁତକାରୀ କମ୍ପାନୀମାନେ କେବଳ ମଦ୍ୟ ପ୍ରସ୍ତୁତ କରିପାରିବେ । ଏହାକୁ ରପ୍ତାନୀ କିମ୍ବା ସ୍ଥାନାନ୍ତରୀକରଣ କରିପାରିବେ ନାହିଁ । ଲାଇସେନସପ୍ରାପ୍ତ ମଦ୍ୟ ବିକ୍ରେତାମାନେ ଏହି ନିଷିଦ୍ଧ ସମୟ ମଧ୍ୟରେ ଷ୍ଟକ୍ ଉଠାଇ ପାରିବେ ନାହିଁ । ଏହି ନିର୍ଦ୍ଦେଶନାମା ପାଳନରେ ଖିଲାପ କଲେ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ ।



# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମାଟ୍ରିକ୍ ଟପ୍ପର ଶୁଭ୍ରଦୀପଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧଗଡ଼, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ଠାରେ ଜିଲ୍ଲାରେ ମାଟ୍ରିକ୍ ଟପ୍ପର ହୋଇଥିବା ଶୁଭ୍ରଦୀପ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରକାଶ ପାଇଥିବା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳିତ ମାଟ୍ରିକ ପରୀକ୍ଷାରେ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଶୁଭ୍ରଦୀପ ୯୨.୩୩ ପ୍ରତିଶତ ମାର୍କ ପାଇ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବ୍ୟାଙ୍କ ମୁଖ୍ୟ ପରିଚାଳକ ଶୁଭ୍ରଦୀପଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# +୩ ପରୀକ୍ଷାରେ ସାଇ ଡିଗ୍ରୀ କଲେଜର ଐତିହାସିକ ସଫଳତା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟ ଗୁଡ଼ିକର ସ୍ନାତକ ଶେଷ ବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ବାରିପଦା ସ୍ଥିତ ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବେଶ ସଫଳତାର ସହିତ କୃତକାର୍ଯ୍ୟ ହେବା ସହିତ ମହାବିଦ୍ୟାଳୟ ପାଇଁ ଗୌରବ ସାଉଁଟିଛନ୍ତି । ସୂଚନା ମୁତାବକ ଚଳିତ ବର୍ଷ ପରୀକ୍ଷାରେ ପଦାର୍ଥ ବିଜ୍ଞାନ ସମ୍ମାନରେ ରଞ୍ଜିତା ପଣ୍ଡା “ଏ+” ସହିତ ଡିଷ୍ଟିଙ୍କସନ, ରସାୟନ ବିଜ୍ଞାନ ସମ୍ମାନରେ ସୋନାଲୀ ପ୍ରତିହାରୀ “ଏ” ସହିତ ଡିଷ୍ଟିଙ୍କସନ, ଗଣିତ ବିଭାଗ ସମ୍ମାନରେ ସେଲୋନି ପାଲବାବୁ “ଏ” ସହିତ ଡିଷ୍ଟିଙ୍କସନ, ଉଭିଦ ବିଜ୍ଞାନରେ ପୂର୍ଣ୍ଣିମା ଦାସ “ଏ+” ସହିତ ଡିଷ୍ଟିଙ୍କସନ ଏବଂ ପ୍ରାଣୀ ବିଜ୍ଞାନରେ ଦେବବ୍ରତ ପୁରାନ “ଏ+” ସହିତ ଡିଷ୍ଟିଙ୍କସନ ହାସଲ କରିଛନ୍ତି । ମହାବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ ଅତି ଉଚ୍ଚକୋଟୀର ନମ୍ବର ରଖି ଅନୁଷ୍ଠାନର ଗୌରବକୁ ବହୁଗୁଣିତ କରିଛନ୍ତି । ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ଏ+ ଓ ଏ ଡିଷ୍ଟିଙ୍କସନ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସାଇ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ନିର୍ଦ୍ଦେଶକ ଅମିୟଶଙ୍କର ସାହୁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସୁମାରୀ ଆନନ୍ଦ ଖେଳିଯାଇଛି ।

# ସମ୍ ହସ୍ପିଟାଲ୍‌ରେ ପେଡିଆଟ୍ରିକ୍ ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜି ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଗତ ରବିବାର ପେଡିଆଟ୍ରିକ ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜି ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଥିବା ବେଳେ ଏଥିରେ ପ୍ରାୟ ୧୫୦ ଜଣ ପ୍ରତିନିଧି ସାମିଲ ହୋଇଥିଲେ । କର୍ମଶାଳାରେ ଲକ୍ଷ୍ନୌ ସ୍ଥିତ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍‌ର ବିଶିଷ୍ଟ ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜିଷ୍ଟ ପ୍ରଫେସର (ଡାକ୍ତର) ଉଜ୍ଜ୍ୱଲ୍ ପୋଦାର ଏବଂ ମୁମ୍ବାଇ ସ୍ଥିତ ଏମ୍‌ଜିଏମ୍ ହସ୍ପିଟାଲ୍‌ର ପ୍ରଫେସର (ଡାକ୍ତର) ଏନ୍.ସି. ମହାନ୍ତି ଯୋଗଦେଇ ଶିଶୁମାନଙ୍କ କ୍ଷେତ୍ରରେ ମୁଖ୍ୟତଃ ଯକୃତ ଏବଂ ଗ୍ୟାଷ୍ଟ୍ରୋଇନ୍‌ଟେଷ୍ଟିନାଲ୍ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ସାରା ରାଜ୍ୟରୁ ବିଭିନ୍ନ ଶିଶୁରୋଗ ବିଭାଗର ଡାକ୍ତର ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିଥିଲେ । କର୍ମଶାଳାରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମମତାଦେବୀ ମହାନ୍ତି, ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଗିରିଶ ପତି, ଶିଶୁରୋଗ ବିଶେଷଜ୍ଞ ପ୍ରଫେସର (ଡାକ୍ତର) ମୃତ୍ୟୁଞ୍ଜୟ ଦାଶ ଏବଂ ଶିଶୁରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) କଳ୍ପନା ପଣ୍ଡା ଆୟୋଜନ କରିଥିଲେ । ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏବଂ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିସିଆନ୍‌ସ (ଭୁବନେଶ୍ୱର ଶାଖା)ର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା ।



# ୪୫ବର୍ଷ ପରେ ଦୁନିଆ ଦେଖିଲେ ମହିଳା:ଚକ୍ଷୁଦାନ କରି ମହାନତା ଦେଖାଇଲେ ମାଣିକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚକ୍ଷୁ ଦାନ କରି ମହାନତା ଦେଖାଇଛନ୍ତି ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ଜଣେ ଆଟେଣ୍ଡାଣ୍ଟ୍ ମାଣିକ କୋଠିଆ । ଅକାଳରେ ମାଣିକଙ୍କ ମୃତ୍ୟୁ ହୋଇଛି । ହେଲେ ସେ ଚକ୍ଷୁ ଦାନ କରି ମହାନତା ଦେଖାଇଛନ୍ତି । ଅନ୍ୟର ମୁହଁରେ ହସ ଫୁଟାଇଛନ୍ତି । ଜଣେ ୪୫ ବର୍ଷର ମହିଳାଙ୍କୁ ଅନ୍ଧାର ଦୁନିଆରୁ ଜଣେ ଆଲୋକଙ୍କୁ ଆଣିଛନ୍ତି । ଜନ୍ମରୁ ଦୃଷ୍ଟିବାଧିତା ଥିବା ମହିଳା ଜଣକ ଏବେ ମାଣିକଙ୍କ ଆଖିରେ ଦୁନିଆ ଦେଖୁଛନ୍ତି । ଅସ୍ତ୍ରୋପଚାର ସଫଳ ହେବା ପରେ ତାଙ୍କର ନିୟମିତ ଚିକିତ୍ସା ଜାରି ଥିଲା । ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଦେଖିପାରୁଛନ୍ତି ବୋଲି କହିଛନ୍ତି । ପରିବାର ଲୋକଙ୍କ ମୁହଁରେ ମଧ୍ୟ ହସ ଫୁଟିଛି । ମହିଳା ଜଣକ ମାଣିକଙ୍କୁ ସାଧୁବାଦ ଜଣାଇଛନ୍ତି । ସୁଯୋଗ ମିଳିଲେ ସାମର୍ଥ୍ୟ ଅନୁସାରେ ସେ ମଧ୍ୟ ଅନ୍ୟମାନଙ୍କୁ ସହଯୋଗ କରିବେ ବୋଲି କହିଛନ୍ତି । ୨୭ ବର୍ଷର ବୟସର ମାଣିକ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ଠିକା ସଂସ୍ଥା ଜରିଆରେ ଆଟେଣ୍ଡାଣ୍ଟ୍ ଭାବେ କାମ କରୁଥିଲେ । ୨୦୦୪ ମାର୍ଚ୍ଚ ୨୮ ତାରିଖରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା । ମାଣିକଙ୍କ ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ଡ଼ାକ୍ତରଖାନାରେ ପରିଚିତ । ମାଣିକଙ୍କ ମୃତ୍ୟୁକୁ ନେଇ ଡ଼ାକ୍ତରଖାନାରେ ଶୋକର ବାତାବରଣ ଖେଳିଯାଇଥିଲା । ଆଟେଣ୍ଡାଣ୍ଟ୍ ଠାରୁ ଡ଼ାକ୍ତର ସମସ୍ତ ବର୍ଗ କର୍ମଚାରୀ ମାନେ ମାଣିକଙ୍କ ଶେଷ ଦର୍ଶନ କରିଥିଲେ । ମାଣିକ ପୂର୍ବରୁ ହିଁ ଅଙ୍ଗଦାନ କରିବାକୁ କହୁଥିଲେ । ପରିବାର ଲୋକ ତାଙ୍କ ଚକ୍ଷୁଦାନ କରିଥିଲେ । ସେହିଦିନ ତାଙ୍କ ପରଳ ସଂଗ୍ରହ କରାଯାଇଥିଲା । ତେବେ କିଛି ଦିନ ପୂର୍ବରୁ ୪୫ ବର୍ଷର ଜଣେ ଦୃଷ୍ଟି ବାଧିତ ଡ଼ାକ୍ତରଖାନାକୁ ଆସିଥିଲେ । ଜନ୍ମରୁ ତାଙ୍କର ସ୍ୱଚ୍ଛ ପଟଳ ଅସ୍ୱଚ୍ଛ (ଧଳା) ଥିଲା । ଯାହାକୁ ଡ଼ାକ୍ତର ଡ଼ାକ୍ତରୀ ଭାଷାରେ କର୍ନିଆଲ୍ ଡ଼େକ୍ସ୍ଟେଫି କୁହାଯାଏ । ଏମ୍‌କେସିଜି ଅଧ୍ୟକ୍ଷ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ତାଙ୍କୁ ପୂର୍ବରୁ ଚିକିତ୍ସା କରିଥିଲେ ଏବଂ ସ୍ୱଚ୍ଛ ପଟଳ ପ୍ରତିରୋପଣ କଲେ ସେ ଦୃଷ୍ଟି ଶକ୍ତି ପାଇପାରିବେ ବୋଲି କହିଥିଲେ । ମାଣିକଙ୍କ ଚକ୍ଷୁ ସଂଗ୍ରହ କରିବା ପରେ ସଙ୍ଗେ ସଙ୍ଗେ ସେହି ମହିଳାଙ୍କୁ ଫୋନ୍ କରି ଡ଼ାକ୍ତରଖାନା ଡ଼କାଯାଇଥିଲା । ମାର୍ଚ୍ଚ ୨୯ ତାରିଖରେ ମହିଳାଙ୍କ ଅସ୍ତ୍ରୋପଚାର କରି ସ୍ୱଚ୍ଛ ପଟଳ ପ୍ରତିରୋପଣ କରାଯାଇଥିଲା । ମହିଳା ବିବାହ କରିଥିବା ବେଳେ ତାଙ୍କର ସନ୍ତାନ ଅଛନ୍ତି । ଅସ୍ତ୍ରୋପଚାର ପରେ ଏବେ ସେ ଦୁନିଆକୁ ଦେଖିପାରୁଛନ୍ତି । ପିଲାମାନଙ୍କୁ, ସ୍ୱାମୀ ଓ ପରିବାର ଲୋକଙ୍କୁ ଦେଖି ତାଙ୍କ ଆଖି ଛଳଛଳ ହୋଇଯାଇଥିଲା । ଏବେ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଥିବା ଅଧୀକ୍ଷକ ଦାଶ କହିଛନ୍ତି । ମାଣିକଙ୍କ ଏହି ଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ଏବଂ ଅନ୍ୟର ଜୀବନରେ ଆଲୋକ ଭରିଦେଇଛି ।

# ପ୍ରବଳ ତାତି ଓ ଗୁଳୁଗୁଳି ସତ୍ତ୍ୱେ ରମ୍ଭା ଚନ୍ଦନଯାତ୍ରାରେ ଭିଡ଼ ଜମୁଛି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଐତିହାସିକ ରମ୍ଭା ଚନ୍ଦନ ଯାତ୍ରା ଖରା ତାତି ଓ ଗୁଳୁଗୁଳିକୁ ଭ୍ରୁକ୍ଷେପ ନକରି ଚିରା ଚରିତ ପ୍ରଥା ଅନୁସାରେ ଯାତ୍ରା ଚାଲୁ ରହିଛି । ଦିନବେଳା ଖାଁ ଖାଁ ଦିଶୁଥିବା ବେଳେ ଅପରାହ୍ନ ୫ ଘଣ୍ଟିଆ ପରେ ଯାତ୍ରା ଦର୍ଶକଙ୍କ ଗହଳି ଚହଳି ପରିମାଣ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ବୃଦ୍ଧି ଘଟିଥାଏ । ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ସବାରୀରେ ବସାଇ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି । ଯାତ୍ରାରେ ପଥପ୍ରାନ୍ତ ନାଟକ ଭଳି ବିଭିନ୍ନ ସ୍ୱେଚ୍ଛାସେବୀ, ବୈଶ୍ୟ ସଂଘ, ସମାଜସେବୀ ମାନେ ସ୍ଥାନେ ସ୍ଥାନେ ଛକ ଜାଗା ମାନଙ୍କରେ ଖାଦ୍ୟ ସାମଗ୍ରୀ ଆନୁସାଙ୍ଗିକ ସାମଗ୍ରୀର ବଣ୍ଟନ କରୁଥିବା ଲକ୍ଷ୍ୟ କରାଯାଇଛି । ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରାରେ ବିଭିନ୍ନ ମାନସିକ ଧାରୀ, ବାଘ ନାଚ, ବାଡ଼ି ଖେଳ, କିନ୍ନର ମାନଙ୍କ ପଦାର୍ପଣ, ଠାକୁରଙ୍କ ପରିଭ୍ରମଣ, ଘଣ୍ଟ ମୃଦଙ୍ଗ ବାଦ୍ୟର ତାଳେ ତାଳେ ଦର୍ଶକଙ୍କ ଭିଡ଼ ଯାତ୍ରାକୁ ଦ୍ୱିଗଣିତ କରିଦେଇଛି । ଏତଦ୍‌ବ୍ୟତୀତ ମିନା ବଜାର, ରାମଦୋଳି, ସୁସଜ୍ଜିତ ମେଢ଼, ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ଦର୍ଶକଙ୍କ ଦର୍ଶନ ଲାଗି ରହିଥିବା ଜଣାପଡିଛି । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପାର୍ଶ୍ୱସ୍ଥ ରାସ୍ତା କଡ଼ ମାନଙ୍କରେ ଭାରତନୀଳା, ଗୁଡୁଖୀ, ଗୋଟି ପୁଅ ନାଚ, ରେକର୍ଡ ଡ୍ୟାନ୍ସ ପରିବେଷଣ ହୋଇଥିବା ବେଳେ ଦର୍ଶକଙ୍କ ଭିଡ଼ ଜମୁନଥିବା ଜଣାପଡୁଛି ।

# ନିର୍ବାଚନରେ ନିଶ୍ଚିତ ପରାଜୟ ଦେଖି ଅଫିସରଙ୍କୁ ଟାର୍ଗେଟ୍ କରୁଛି ବିଜେପି: ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ତୃତୀୟ ପର୍ଯ୍ୟାୟ ମତଦାନ ପରେ ବିଜେଡ଼ି ସଂଖ୍ୟାଗରିଷ୍ଠତା ହାସଲ କରିଛି ଏବଂ ସରକାର ଗଠନ କରୁଛି । ୨୦୨୪ ଜୁନ୍ ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହ ରେକର୍ଡ କରିବେ ବୋଲି କହିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର, ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ସୁଲତା ଦେଓ ଏବଂ ବିଜେଡ଼ି ମୁଖପାତ୍ର ଡ. ଲେନିନ୍ ମହାନ୍ତି । ବିଜେଡ଼ିର ଏହି ଚାରି ବରିଷ୍ଠ ନେତା ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶା ବିଜେପି ଏ ବିଷୟରେ ଅବଗତ ହେବାପରେ ମାନସିକ ଭାରସାମ୍ୟ ହରାଇଛି । ଓଡ଼ିଶା ବିଜେପି ନେତା ପୀତାମ୍ବର ଆଚାର୍ଯ୍ୟ ଓ ଅନ୍ୟମାନେ ରାଜ୍ୟର ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନିଲମ୍ବିତ କରିଥିବା ଏବଂ ଅନ୍ୟ ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଏମ୍‌ସ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାର ଶ୍ରେୟ ନେବାକୁ ଚେଷ୍ଟା କରୁଥିଲେ, ଯାହା ଭାରତୀୟ ନିର୍ବାଚନ ଆୟୋଗଙ୍କ ପ୍ରତି ସେମାନଙ୍କର ମନରେ ଥିବା କିଞ୍ଚିତ୍ ସମ୍ମାନକୁ ଦର୍ଶାଉଛି । ଓଡ଼ିଶା ବିଜେପି ନେତାଙ୍କ ଏଭଳି ବୟାନକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଏହା ଦୁର୍ଭାଗ୍ୟଜନକ ଯେ ବିଜେଡ଼ି ସହ ଲଢ଼ିବା ପରିବର୍ତ୍ତେ ପରାଜିତ ହେଉଥିବାରୁ ବିଜେପି ନିର୍ବାଚନ କମିସନଙ୍କୁ ବ୍ୟବହାର କରି ଅଫିସରଙ୍କ ପଛର ପଡିଛି । ଏଥିରୁ ଜଣାପଡୁଛି ବିଜେଡ଼ି ସହ ଲଢ଼ିବାର ସାମର୍ଥ୍ୟ ସେମାନଙ୍କ ପାଖରେ ନାହିଁ । ଆମେ ସେମାନଙ୍କୁ ଅନୁରୋଧ କରୁଛୁ ଯେ ଏହି ନିର୍ବାଚନ ସହିତ କୌଣସି ସମ୍ପର୍କ ନଥିବା ଅଧିକାରୀମାନଙ୍କୁ ଟାର୍ଗେଟ୍ କରିବା ପରିବର୍ତ୍ତେ କିଛି ସାହସ ରଖନ୍ତୁ ଏବଂ ଆମ ସହ ଲଢ଼େଇ କରନ୍ତୁ । ନିଜ ଜୀବନକୁ ବାଜି ଲଗାଇ ନକ୍ସଲଙ୍କ ସହ ଲଢ଼ି ରାଜ୍ୟରେ ନକ୍ସଲବାଦକୁ ରୋକିଥିବା ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଟାର୍ଗେଟ୍ କରିଛି ଓଡ଼ିଶା ବିଜେପି । ବିଜେଡ଼ି ସହ ଲଢ଼ି ନପାରି ପରାଜିତ ହେଉଥିବାରୁ ଓଡ଼ିଶା ପାଇଁ ଜୀବନରେ ଏତେ ବଳିଦାନ ଦେଇଥିବା ଜଣେ ଅଫିସରଙ୍କୁ ବିଜେପି ଟାର୍ଗେଟ୍ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିନୟ ପ୍ରଧାନଙ୍କ ଭଳି ଆଇଏଫଏସ ଅଫିସର ଅଧିକାରୀଙ୍କର ସମ୍ପୃକ୍ତି ବିଷୟରେ ମଧ୍ୟ ଆମେ ଅନେକ ଦାବିପତ୍ର ପ୍ରଦାନ କରିଥିଲୁ । ବିନୟ ପ୍ରଧାନ ଓ ତାଙ୍କ ଲିଙ୍କ୍ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏଥିରୁ ଜଣାପଡୁଛି ଯେ ଇସିଆଇକୁ ବିଜେପି ବ୍ୟବହାର କରୁଛି ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଜେଡ଼ି ଏକ ଦଳ ଭାବରେ ବହୁତ ଶକ୍ତିଶାଳୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବ ଏତେ ଦୃଢ଼ ଯେ ଆମେ ଏହି ନିର୍ବାଚନରେ ଦୃଢ଼ ଭାବେ ବିଜୟୀ ହେଉଛୁ ଏବଂ ଓଡ଼ିଶା ବିଜେପି ବହୁତ ଦୟନୀୟ ଭାବେ ପରାଜିତ ହେଉଛି । ଆମେ ଓଡ଼ିଶା ବିଜେପିକୁ ଅନୁରୋଧ କରୁଛୁ ଯେ, ଅଧିକାରୀଙ୍କୁ ଟାର୍ଗେଟ୍ କରି ପଛ ଦ୍ୱାର ଦେଇ ଯିବାକୁ ଚେଷ୍ଟା କରିବା ପରିବର୍ତ୍ତେ ଆମ ସହ ଲଢ଼େଇ କରନ୍ତୁ । ଓଡ଼ିଶାବାସୀ ଏହାକୁ ଦେଖୁଛନ୍ତି ଏବଂ ଚଳିତ ନିର୍ବାଚନ ଓ ଆଗାମୀ ଦିନରେ ମଧ୍ୟ ବିଜେପିକୁ ଏହାର କଡ଼ା ଜବାବ ଦେବେ । ଯାଜପୁର ଜିଲ୍ଲା ବଡ଼ଚଣାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଧର୍ମେନ୍ଦ୍ର ପ୍ରଧାନ କିପରି ସମାଜର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଉପରେ ଆକ୍ରମଣ କରିଥିଲେ ତାହା ମଧ୍ୟ ଆମେ ଆପଣଙ୍କୁ ଜଣାଇବାକୁ ଚାହୁଁଛୁ । ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଧମକ ଦେଇ ତାଙ୍କୁ ଅତ୍ୟନ୍ତ ନିମ୍ନସ୍ତରୀୟ ନାମ ବୋଲି କହିଥିଲେ । ଏହା ସମାଜର ଚତୁର୍ଥ ସ୍ତମ୍ଭ ଓ ମୁକ୍ତ ଗଣମାଧ୍ୟମର ପବିତ୍ରତା ବିରୋଧି । ଏଭଳି ଅହଂକାରକୁ ଓଡ଼ିଶାବାସୀ କେବେ ବରଦାସ୍ତ କରନ୍ତିନାହିଁ ଏବଂ ଶ୍ରୀ ପ୍ରଧାନ ଚଳିତ ନିର୍ବାଚନରେ ଯେତେବେଳେ ଦୟନୀୟ ଭାବେ ପରାଜୟ ବରଣ କରିବେ ସେତେବେଳେ ସେମାନଙ୍କର ଉତ୍ତର ଜାଣିପାରିବେ । ବିଜେଡ଼ି ଚତୁର୍ଥ ସ୍ତମ୍ଭ ଏବଂ ଗଣମାଧ୍ୟମ ସହିତ ଛିଡ଼ା ହୋଇଛି ଏବଂ ଆମେ ସେମାନଙ୍କୁ ଆଶ୍ୱାସନା ଦେଉଛୁ ଯେ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ଲୋକମାନେ ସେମାନଙ୍କ ବିରୋଧରେ କିଛି କରିପାରିବେ ନାହିଁ ବୋଲି ଡ. ପାତ୍ର, ଶ୍ରୀ ମଙ୍ଗରାଜ, ଶ୍ରୀମତୀ ଦେଓ ଓ ଡ. ମହାନ୍ତି କହିଛନ୍ତି ।

# ପ୍ରେରଣା ଟ୍ରଷ୍ଟ୍ ପକ୍ଷରୁ ବୃହସ୍ପତି ଛୁରିଆଙ୍କୁ ବହିଷ୍କାର

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଏସଆଇ ଛକ ଠାରେ ଥିବା ପ୍ରେରଣା ଟ୍ରଷ୍ଟ୍ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଦିନ ବୃହସ୍ପତି ଛୁରିଆଙ୍କୁ ବହିଷ୍କାର କରାଯାଇଛି । ଏହି ଟ୍ରଷ୍ଟର ସଭାପତି ରବିନ୍ଦ୍ର କୁମାର ବାରିକ ସୋମବାର ଦିନ ଏକ ସଭା ଆୟୋଜନ କରି ସମସ୍ତ ସଦସ୍ୟ ମାନଙ୍କ ସହିତ ଆଲୋଚନା କରି ଏକ ପତ୍ର ମାଧ୍ୟମରେ ସମସ୍ତ ସଭ୍ୟଙ୍କ ଅନୁମତି କ୍ରମେ ବୃହସ୍ପତି ଛୁରିଆଙ୍କୁ ବହିଷ୍କାର କରାଯାଇଥିବା ଦର୍ଶାଇଛନ୍ତି ଓ ବୃହସ୍ପତି ଛୁରିଆ ଟ୍ରଷ୍ଟର ଅନେକ ସଭାରେ ଯୋଗ ନଦେବା, ଟ୍ରଷ୍ଟ ବାରମ୍ବାର ନୋଟିସ୍ କଲେ ମଧ୍ୟ ତାର ଉତ୍ତର ନଦେବାରୁ ସଂଘ ପକ୍ଷରୁ ସୋମବାର ଦିନ ବହିଷ୍କାର କରାଯାଇଛି । ବୃହସ୍ପତି ଛୁରିଆ ଏହି ଟ୍ରଷ୍ଟର ପଞ୍ଜୀକରଣକୁ ଦୁରୁପଯୋଗ କରି ଜେଭି ଏସ୍ ନାମରେ ଏକ ସଂଘ ଗଠନ କରି ବିଭିନ୍ନ ଭ୍ରଷ୍ଟାଚାର କାର୍ଯ୍ୟରେ ଲିପ୍ତ ଥିବା ସଂଘ ସଭାପତି ସୂଚନା ଦେଇଛନ୍ତି । ଏହି ସଭାରେ ଗୁଣ ତାଣ୍ଡିଆ, ସଞ୍ଜୀତ ମନ୍ଦାର, ଶ୍ରାବସ୍ତ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ବିଜେଡ଼ି ସମର୍ଥିତ ଓକିଲ ମାନଙ୍କର ବନ୍ଧୁ ମିଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ରାପଡା ଜିଲ୍ଲା ବିଜେଡ଼ି ସମର୍ଥିତ ଓକିଲ ମାନଙ୍କର ଏକ ବନ୍ଧୁ ମିଳନ ବିଜେଡ଼ି ଜିଲ୍ଲା ସଭାପତି ଧିରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ନିହାର ରଂଜନ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ବନ୍ଧୁ ମିଳନରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ଆଇନଜୀବୀ ଗୋବର୍ଦ୍ଧନ ରାଉତ, ଗୋକୁଳ ରଂଜନ ଦାସ, ଆଶୁତୋଷ ମହାନ୍ତି, ଗୌରପ୍ରସାଦ ମହାପାତ୍ର, ସରୋଜ ରାଜ ସିଂହ, ରବି ନାରାୟଣ ଦାସ, ତମସା ପାତ୍ର, ଦିନେଶ ରାଜ ସିଂହ, କୁଞ୍ଜ ବିହାରୀ ପରିଡା, ସ୍ମୃତି ରଂଜନ ସିଂହ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଛିଡା ହୋଇଥିବା ବିଜେଡ଼ି ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରିବା ପାଇଁ ଆଲୋଚନା କରାଯାଇଥିଲା । ଭାରତର ଏକ ନମ୍ବର ରାଜ୍ୟ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ଏହି ବନ୍ଧୁ ମିଳନରେ ଆଲୋଚନା କରାଯାଇଥିଲା । ଦୀର୍ଘ ୨୪ ବର୍ଷ ଶାସନ କାଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିପାରିଛନ୍ତି । ଏହିବନ୍ଧୁ ମିଳନରେ ଓକିଲ ବନ୍ଧୁମାନେ ଯୋଡ଼ି ଶଙ୍ଖରେ ଭୋଟ୍ ଦେବା ପାଇଁ ଜନ ସାଧାରଣଙ୍କୁ ନିବେଦନ କରିବେ ବୋଲି ସ୍ଥିର ହୋଇଛି । ଆୟୋଜିତ ଏହି ବନ୍ଧୁ ମିଳନରେ ସୁବ୍ରତ କୁମାର ରଥ, ହରେକୃଷ୍ଣ ନାୟକ, ହାଡିବନ୍ଧୁ ସିଂହ, ବିଦ୍ୟାଧର ଦାସ, ରେଣୁବାଳା ସାମଲ ପ୍ରମୁଖଙ୍କ ସହ ଶତାଧିକ ଓକିଲ ବନ୍ଧୁମାନେ ଉପସ୍ଥିତ ଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦେଶରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ

ଭାରତୀୟମାନେ ସଞ୍ଚୟ ପ୍ରିୟ। ଯିଏ ଯେତେ ରୋଜଗାର କରନ୍ତୁ ନା କାହିଁକି ସେଥିରୁ କିଛି ସଞ୍ଚୟ କରି ଘରେ ରଖିବାକୁ ପସନ୍ଦ କରନ୍ତି। ଲୋକମାନଙ୍କ ସେହି ମାନସିକତା ଭାରତକୁ ଅନ୍ୟ ଦେଶଠାରୁ ଭିନ୍ନ କରିଥିବା ବେଳେ ପରିବାର ସଞ୍ଚୟ କ୍ଷେତ୍ରରେ ଦେଶକୁ ଅଗ୍ରଣୀ ରଖିଛି। କିନ୍ତୁ ଗତ କିଛି ବର୍ଷ ହେଲାଣି ପରିବାରରେ ହେଉଥିବା ସଞ୍ଚୟ ଉପରେ ଚାପ ସୃଷ୍ଟି ହୋଇଛି। ଲୋକମାନେ ଘରେ ପୂର୍ବ ଭଳି ସଞ୍ଚୟ କରିପାରୁନାହାନ୍ତି କିମ୍ବା ସଞ୍ଚିତ ରାଶିରୁ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଏକ ତଥ୍ୟରୁ ଜଣାପଡ଼ିଛି। ଜାତୀୟ ଖାତା ପରିସଂଖ୍ୟାନ ୨୦୨୪ ତଥ୍ୟ ଅନୁସାରେ ଦେଶର ପରିବାର ସଞ୍ଚୟ ପରିମାଣ ଗତ ତିନି ବର୍ଷରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୧୪.୧୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ୨୦୨୦-୨୧ରେ ପରିବାର ସଞ୍ଚୟ ପରିମାଣ ୨୩.୨୯ ଲକ୍ଷ କୋଟି ଟଙ୍କା ଭଳି ଉଚ୍ଚ ସ୍ତରରେ ଥିଲା। ୨୦୨୨-୨୩ ସୁଦ୍ଧା ସେଥିରୁ ୯ ଲକ୍ଷ କୋଟି ଟଙ୍କା ବାହାରି ଯାଇଛି। ଅର୍ଥାତ ତିନି ବର୍ଷ ଭିତରେ ଲୋକମାନେ ପରିବାର ଚଳାଇବା ଲାଗି ସଞ୍ଚିତ ରାଶି ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ ବୋଲି ପରୋକ୍ଷରେ କୁହାଯାଇପାରିବ। ନିଯୁକ୍ତି ବଜାରରେ କଠିନ ସ୍ଥିତି, ଲୋକମାନଙ୍କ ଆୟ ଉପରେ ରହିଥିବା ଚାପ ଏବଂ ଦରଦାମ୍ ସ୍ଥିତି ବେଲଗାମ ରହିବା କାରଣରୁ ଲୋକମାନଙ୍କୁ ଆଉ ସଞ୍ଚୟ କରିବା ଲାଗି ବିଶେଷ ସୁଯୋଗ ମିଳୁନାହିଁ। ୨୦୨୧-୨୨ରେ ପରିବାର ସଞ୍ଚୟ ରାଶି ୧୭.୧୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୨-୨୩ରେ ତାହା ୧୪.୧୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି ଯାହା ଗତ ପାଞ୍ଚ ବର୍ଷ ଭିତରେ ସବୁଠୁ କମ୍। ଶେଷ ଥର ପାଇଁ ୨୦୧୭-୧୮ରେ ପରିବାର ସଞ୍ଚୟ ପରିମାଣ ୧୩.୦୫ ଲକ୍ଷ କୋଟି ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିବା ପରେ ୨୦୧୮-୧୯ରେ ୧୪.୯୨ ଲକ୍ଷ କୋଟି ଟଙ୍କାକୁ ଏବଂ ୨୦୧୯-୨୦ରେ ୧୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ସରକାରଙ୍କ ଏହି ତଥ୍ୟରୁ ଆଉ ଗୋଟିଏ ଚିତ୍ର ସାମ୍ନାକୁ ଆସିଛି। ତାହା ହେଉଛି ଲୋକମାନେ ମ୍ୟୁଚୁଆଲ୍ ଫଣ୍ଡରେ ଅଧିକ ନିବେଶ କରୁଛନ୍ତି। ସେଥିପାଇଁ ତିନି ବର୍ଷରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପରିମାଣ ତିନି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୧.୭୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପରିମାଣ ୬୪,୦୮୪ କୋଟି ଟଙ୍କା ଥିବା ବେଳେ ୨୦୨୧-୨୨ରେ ତାହା ୧.୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆଲୋଚ୍ୟ ତିନି ବର୍ଷରେ ସେୟାର ଓ ଡିବେଞ୍ଚରରେ ନିବେଶ ପରିମାଣ ଦୁଇ ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୨.୦୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ଏହି ନିବେଶ ପରିମାଣ ୧.୦୭ ଲକ୍ଷ କୋଟି ଟଙ୍କା ଥିଲା। ପରିବାରଗୁଡ଼ିକର ଋଣ ବୋଝ ଇତି ମଧ୍ୟରେ ବୃଦ୍ଧି ପାଇଛି। ଆର୍ଥିକ ସଂସ୍ଥାଗୁଡ଼ିକରୁ ପରିବାରଗୁଡ଼ିକ ନେଇଥିବା ଋଣ ଚାରି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୩.୩୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ପରିବାରଗୁଡ଼ିକ ଉପରେ ୯୩,୭୨୩ କୋଟି ଟଙ୍କାର ଋଣ ବୋଝ ଥିଲା ଯାହା ୨୦୨୧-୨୨ ସୁଦ୍ଧା ୧.୯୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ବୋଲି ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମୁତେ ।'**


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ–୩୮


ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ସେହି ଭବ୍ୟ ଆନନ୍ଦମୟ ପରିବେଶରେ ସମଗ୍ର ଜନକ ପୁରୀ ଉଛୁଳି ପଡୁଥିବା ବେଳେ ହଠାତ୍ ସମଗ୍ର ଧରିତ୍ରୀକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେବା ଭଳି ଅତ୍ୟନ୍ତ ଭୟାନକ ଘଟଣା ଘଟିଗଲା ଜନକଙ୍କ ରାଜଭବନ ମଧ୍ୟସ୍ଥ ବିବାହ ବେଦୀ ନିକଟରେ । ହଠାତ୍ ଗୋଟାଏ ପ୍ରଳୟଙ୍କରୀ ବିଭତ୍ସ ଚିତ୍କାରର ଗୋଟାଏ ଝଟ୍‌କା ଛୁଟି ଆସିଲା ଜନକଙ୍କ ମିଥିଳାପୁରୀକୁ। ଲାଗୁଥାଏ ସତେ ଯେପରି ଜନକ ପୁରୀକୁ ମାତ୍ର କେତୋଟି ମୁହୂର୍ତ୍ତରେ ଉତ୍ପାଟନ କରି ମହାସମୁଦ୍ର ଗର୍ଭରେ ନିକ୍ଷେପ କରିଦେବ। ହଜାର ହଜାର ପ୍ରଜା ସମସ୍ତ ନିମନ୍ତ୍ରିତ ଅତିଥି ତଟସ୍ଥ ହୋଇ ଯାଉଥାନ୍ତି। ସେହି ଭୟାନକ ପରିସ୍ଥିତିକୁ ଭେଦକରି ଗୋଟାଏ ଅତି ବିଶାଳକାୟ ରୂପ ଧାରଣ କରିଥିବା ଜଣେ ଦୀର୍ଘକାୟ ତପସ୍ୱୀ ଚିତ୍କାର କରି ପ୍ରବେଶ କଲେ। ତାଙ୍କର ଚିତ୍କାର ଶତ ସହସ୍ର ସିଂହର ଗର୍ଜନ ଠାରୁ ଆହୁରି ଭୀଷଣ ଆଉ ଭୟଙ୍କର। ଗୋଟାଏ ବିରାଟକାୟ ବ୍ୟାଘ୍ର ଚର୍ମ ଦ୍ୱାରା ଆଚ୍ଛାଦିତ ହୋଇଛି ତାଙ୍କର ଶରୀର। ବିଶାଳ ବାହୁ। ଆଖି ଦୁଇଟା ରଡ ନିଆଁ ଭଳି ଦପଦପ୍ ହୋଇ ଜଳୁଥାଏ। ତାଙ୍କର ଦକ୍ଷିଣ ହସ୍ତରେ ଗୋଟାଏ ରକ୍ତଭିଜା କୃପାଣ ଧାରଣ କରିଥାନ୍ତି। ଯେଉଁଥିରେ ଶହ ଶହ ମଣିଷର ରକ୍ତ ଲାଗି ଅତ୍ୟନ୍ତ ଭୟଙ୍କର ଦିଶୁଥାଏ। ସମସ୍ତେ ଚାହିଁ ରହିଥାନ୍ତି ତାଙ୍କର ଏହି ଭୀମକାନ୍ତ ରୂପକୁ। ସମସ୍ତଙ୍କ ମୁଖରେ ଗୋଟିଏ କଥା କିଏ ଏହି ବିଶ୍ୱକୁ ଧ୍ୱଂସ କରିଦେବା ଭଳି ଅପରିସୀମ ଶକ୍ତିକୁ ଧାରଣ କରି ଏଠାରେ ହଠାତ୍ ଆବିର୍ଭୁତ ହୋଇଗଲେ। ଏ କିଏ ? ସମସ୍ତେ ପ୍ରାଣ ବିକଳରେ ରକ୍ଷା କର ରକ୍ଷା କର ବୋଲି ଆକୁଳ କଣ୍ଠରେ ଶ୍ରୀରାମ, ଲକ୍ଷ୍ମଣଙ୍କ ନିକଟରେ ନିରବ ପ୍ରାର୍ଥନା କରିବାରେ ଲାଗିଥାନ୍ତି। ଠିକ୍ ସେହି ସମୟରେ ବଶିଷ୍ଠ ସମସ୍ତଙ୍କୁ ଜଣାଇ ଦେଲେ ଯେ ଇଏ ହେଉଛନ୍ତି ଯମଦଗ୍ନୀଙ୍କ ପୁତ୍ର ପର୍ଶୁରାମ। ଯାହାଙ୍କର କୃପାଣ ଅଗଣିତ କ୍ଷତ୍ରୀୟ ମାନଙ୍କୁ ନିପାତ କରିବା ପାଇଁ ସଦା ପ୍ରସ୍ତୁତ, କେବଳ ଏତିକି ନୁହେଁ, ଇଏ ହେଉଛନ୍ତି ଭଗବାନ ଶଙ୍କରଙ୍କର ପ୍ରମୁଖ ଶିଷ୍ୟ। ଜନକନନ୍ଦିନୀ ସୀତା, ମାଣ୍ଡବି, ଉର୍ମିଳା, ଶ୍ରୁତକିର୍ତ୍ତୀ ଗୋଟିଏ ସ୍ଥାନରେ ତଟସ୍ଥ ଭାବେ ଦଣ୍ଡାୟମାନ ହୋଇ ବରଡାପତ୍ର ଭଳି ଭୟରେ ଥରୁଥାନ୍ତି। ଶ୍ରୀରାମଙ୍କ ସମେତ ବିବାହ ଉତ୍ସବରେ ଯୋଗଦେଇଥିବା ଅସୁମାରୀ ଅତିଥିମାନଙ୍କୁ ଭୀଷଣ ଗର୍ଜନ କରି ପର୍ଶୁରାମ ରାଜର୍ଷୀ ଜନକଙ୍କୁ ପଚାରିଲେ 'ହେ ମିଥିଳା ନରେଶ ! ତୁମ ନିକଟରେ ସୁରକ୍ଷିତ ହୋଇ ରହିଥିବା ମୋର ପରମ ଆରାଧ୍ୟ ଭଗବାନ ଶଙ୍କରଙ୍କ ହରଧନୁ କିଏ ଭାଙ୍ଗିଲା। ତାକୁ ଆପଣ ଆଣି ମୋ ସମ୍ମୁଖରେ ଛାଡନ୍ତୁ। ଏହିକ୍ଷଣି ସେ ନରାଧମକୁ ହତ୍ୟା କରିବି। ଯଦି ମୋତେ ଚିହ୍ନିତ କରାଇନଦେବେ, ତେବେ ମନେରଖ ଜନକ, ତୁମର ସମସ୍ତ ଅତିଥିମାନଙ୍କୁ ଏହିକ୍ଷଣି ଏଇ ମୁହୂର୍ତ୍ତରେ ହତ୍ୟାକରି ତାଙ୍କରି ରକ୍ତକୁ ଅଗ୍ନିକୁଣ୍ଡରେ ଆହୁତିଦେବି।' ଏତିକି ମାତ୍ର କଥା ପର୍ଶୁରାମ କହିବା ପରେ ଆଉ ମୁହୂର୍ତ୍ତିଏ ବିଳମ୍ବ ନକରି ଲକ୍ଷ୍ମଣ ପ୍ରଚଣ୍ଡ କ୍ରୋଧ ସହିତ ପ୍ରକମ୍ପିତ କଣ୍ଠରେ ପର୍ଶୁରାମଙ୍କୁ କହିଲେ 'ହେ ମହାନ୍ ତପସ୍ୱୀ ପର୍ଶୁରାମ, ତୁମେ ବୋଧ ହୁଏ ଜାଣିନାହଁ ଆମର ପରାକ୍ରମକୁ ଆଉ ଥରେ ମାତ୍ର ଏ ପରିପୂର୍ଣ୍ଣ ମହୋତ୍ସବରେ ହତ୍ୟାର ଧମକ ଦେବା ପାଇଁ ଦୁଃସାହସ କରିବ ତେବେ ତୁମର ଏ ବିଶ୍ୱବିଜୟୀ ଫମ୍ପା ଅହଙ୍କାରକୁ ସମାପ୍ତ କରିଦେବି। ଆଉଥରେ ଭଲଭାବରେ କହୁଛି ତୁମେ କାନଖୋଲି ଶୁଣିନିଅ ପର୍ଶୁରାମ, ଯେଉଁ ବାହୁବଳ ଓ ସାମରିକ ଦକ୍ଷତାକୁ ନିଜର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ବିଚାର କରି କ୍ଷତ୍ରିୟଙ୍କ ରୁଧିରରେ ବିଶ୍ୱକୁ ରକ୍ତ ରଂଜିତ କରିବାକୁ ଦୁର୍ବାର ଶପଥ କରିଛ ତାହା ତୁମର ଗୋଟାଏ ଶକ୍ତିଶାଳି ନିର୍ବୋଧତା, କାରଣ ବାହୁବଳରେ ଏ ବିଶ୍ୱକୁ ବିଜୟ କରିବାର ଦୁଃସାହସ କରିଛନ୍ତି ସେମାନେ ନିଜେ ନିଜର ଅସ୍ତ୍ରରେ ଅତି ବିଭତ୍ସ ଭାବେ ମୃତ୍ୟୁ ବରଣ କରିଛନ୍ତି। ଆଉ ତୁମେ ଯେଉଁ ଶକ୍ତିଲାଭ କରିଛ ସେହି ଶକ୍ତିକୁ ରକ୍ତ ପାତରେ ବିନି ଯୋଗ ନକରି ଜଗତର କଲ୍ୟାଣ ନିମନ୍ତେ ପ୍ରୟୋଗ କରନ୍ତ ତେବେ ଚିରକାଳ ଲାଗି ଏ ଜଗତର ଅମର ରହିପାରନ୍ତି, ଇତିହାସ ତୁମର ଅକ୍ଷୟ କୀର୍ତ୍ତିକୁ ଚିରକାଳ ପାଇଁ ଅଲିଭା ଅକ୍ଷରରେ ସ୍ଥାନିତ କରିପାରନ୍ତା, କିନ୍ତୁ ତୁମର ଦୁର୍ଭାଗ୍ୟ ଯେ ଏତେ ବଡ ବିଶ୍ୱବିଜୟୀ ଯୋଦ୍ଧା ଓ ଯୋଗ ଜନ୍ମା ତପସ୍ୱୀ ହୋଇ ମଧ୍ୟ ତୁମ ନିକଟରେ ଏତିକି ମାତ୍ର ସାଧାରଣ ଜ୍ଞାନର ଅଭାବରେ ତୁମକୁ ଆଗାମୀ ଭବିଷ୍ୟତ ବିଶ୍ୱର ଜଣେ କୁଖ୍ୟାତ ନରହନ୍ତା ଭାବେ ଚିତ୍ରିତ କରି ଧିକ୍‌କାର କରିବ। ଏପରି ନିର୍ଲ୍ଲଜ ଜୀବନ ଧରି ବଞ୍ଚି ରହିବା ଅପେକ୍ଷା ମୃତ୍ୟୁ ଏହାଠାରୁ ଶତଗୁଣେ ଶ୍ରେୟସ୍କର।'' ଲକ୍ଷ୍ମଣଙ୍କ ଠାରୁ ଏପରି କର୍କଶ ଧିକ୍‌କାରକୁ ଶ୍ରବଣ କରି ପର୍ଶୁରାମ ଏପରି ଏକ ସଙ୍ଗେ ଶତ ସିଂହର ଚିତ୍କାରଠାରୁ ଆହୁରି ଭୟଙ୍କର ଭାବେ ଚିତ୍କାର କଲେ ଯେ, ସତେ ଯେପରି ବ୍ରହ୍ମାଣ୍ଡଟା ଦୁଇଫାଳ ହୋଇ ଫାଟିଯିବା ଭଳି ଭୟାନକ କଂପନ ସୃଷ୍ଟି କରିଦେଲା। (କ୍ରମଶଃ)

# ଜୀବ ସତ୍ତାରେ ଶ୍ରୀକୃଷ୍ଣ


ଡ.ଇଂ.ସଞ୍ଜୟ କୁମାର ପଣ୍ଡା
ଶିକ୍ଷାବିତ୍,
ମୁଖ୍ୟ ସମ୍ପାଦକ ବୌଦ୍ଧଚକ୍ର
ବୌଦ୍ଧ
Email-
drsanjayeducationist@gmail.com

ପ୍ରବୃତ୍ତରେଷୁ ଭୂତାନାଂ, ନିବୃତ୍ତରେଷୁ ମହାଫଳାଃ ଅର୍ଥାତ୍ ପ୍ରବୃତ୍ତିରେ ଲିପ୍ତ ହେଲେ ମାନବ ଏ ଭୌତିକ ଜଗତରେ ଚଳଚଂଚଳ ହୋଇପାରେ ମାତ୍ର ପ୍ରବୃତ୍ତିରୁ ନିବୃତ୍ତ ହେଲେ ମହାଫଳ ପ୍ରାପ୍ତ ହୋଇଥାଏ। ମାନବ ଜୀବନର ଜୟଯାତ୍ରାକୁ ସୂକ୍ଷ୍ମାତିସୂକ୍ଷ୍ମ ତତ୍ତ୍ୱରେ ଅବଲୋକନ କଲେ ଏହା ସର୍ବଦା ପ୍ରତୀତ ହୁଏ ଯେ ଭ୍ରୁଣ ସଂରଚନାର ଆଦ୍ୟପର୍ବ, ଧର୍ମୀୟ ଭାବନା ସମ୍ମତ ହୋଇଥାଏ। ପ୍ରତ୍ୟେକ ସଂସ୍କୃତିର କ୍ରମବିକାଶ ସଂଘର୍ଷମୟ ପରିବେଶରୁ ସୃଷ୍ଟି ହୋଇଥିବା ସ୍ଥଳେ ତା'ର ବୀଜମନ୍ତ୍ର ଧର୍ମ, ଅଧର୍ମ, ସତ୍ୟ, ଅସତ୍ୟ ଆଦି ମୌଳିକବାଦ ହିଁ ହୋଇଥାଏ। ଧର୍ମର ସଂରଚନା ଓ ତା'ର ଆବେଗର ପୁଣ୍ୟ ଅଙ୍କନ ମାନବ ଜୀବନକୁ ନୂତନ ଆଶା ସଂଚାରରେ ସହାୟକ ହୋଇଥାଏ, ଏହା ନିଃସନ୍ଦେହ। ତଥାପି ବେଳେ ବେଳେ ନିଜର ଭୌତିକ ଲାଳସାର ଚରିତାର୍ଥର ପର୍ବ ଧର୍ମର ସାମୟିକ ବଳିଦାନରୁ ସୃଷ୍ଟ। ପରବର୍ତ୍ତୀ ପର୍ଯ୍ୟାୟରେ ବିପର୍ଯ୍ୟସ୍ତ ଅନୁଭୂତି ମାନବ ଚେତନାକୁ ଉଚିତ ଶିକ୍ଷା ଦେଇ ଧର୍ମୀୟ ଭାବନା ଜାଗ୍ରତ କରାଇବାରେ ସହାୟକ ହୋଇଥାଏ। ଅତଏବ ଧର୍ମ ସହ ଚିନ୍ତା ଓ ଚେତନାର ପୁଣ୍ୟ ସଂଯୋଗ କେବଳ ଅଦୃଷ୍ଟ ଭଗବତ୍ ସତ୍ତାଦ୍ୱାରା ହିଁ ସମ୍ଭବ। ପ୍ରତ୍ୟେକ ବିକାଶଶୀଳ ସଂସ୍କୃତିର ପୃଷ୍ଠଭୂମି ଧର୍ମସଂସ୍ଥାପନାର ପବିତ୍ର ପ୍ରଲେପରେ ମହକିତ ହୋଇଥାଏ। ସେଥିପାଇଁ ମୂଳତଃ ଗୁମ୍ଫାମୟ ସଂସ୍କୃତିରୁ ବିକଶିତ ପର୍ଯ୍ୟାୟ ପର୍ଯ୍ୟନ୍ତ ସମସ୍ତ ଉତ୍‌ଥାନ ପତନର ମୂକସାକ୍ଷୀ ମାନବ ଚରିତ୍ରର ଧର୍ମଶିକ୍ଷା ହୋଇଥାଏ। ଅନ୍ୟ ପ୍ରତି ସମ୍ବେଦନଶୀଳ ହୋଇ ଜୀବଜଗତ ଓ ଜଡଜଗତର ସମଷ୍ଟି ଓ ସମନ୍ୱୟର ପରାକାଷ୍ଠା ମାନବ ସର୍ଜନାର୍ଭୁକ୍ତ ଜୀବ ସତ୍ତାରେ ଧର୍ମର ସଂସ୍ଥାପନ ହିଁ ହୋଇଥାଏ। ଏହି ଜୀବ ସତ୍ତାର ଆଦ୍ୟ ଓ ଅନନ୍ତ ପର୍ବର ମୌଳିକ ଦେବତା ଶ୍ରୀକୃଷ୍ଣ ହିଁ ଅଟନ୍ତି। ବୈଦିକ ଶାସ୍ତ୍ର ମତାନୁସାରେ ଭଗବାନ ଏ ସମାଜର ପରମତତ୍ତ୍ୱ ରୂପେ ବିଦିତ ଓ ଜୀବ ମଧ୍ୟରେ ସର୍ବୋତ୍ତମ। ପ୍ରଥମ ସୃଷ୍ଟ ଜୀବ ବ୍ରହ୍ମାଙ୍କ ଠାରୁ ଆରମ୍ଭ କରି ଉନ୍ନତତମ ଜୀବ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ଭିନ୍ନ ଶ୍ରୀକୃଷ୍ଣ ଅଟନ୍ତି। ସେ ହିଁ ପରମଜୀବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଶକ୍ତିର ଶକ୍ତିମାନ ଜୀବ ମଧ୍ୟ ପରମ ଶକ୍ତିମାନ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ତୁଚ୍ଛ ପ୍ରତୀୟମାନ ହୋଇଥାନ୍ତି। ଜୀବନର ଅନୁଭୂତିରୁ ସୃଷ୍ଟି ବୌଦ୍ଧିକ ଶକ୍ତିର ପ୍ରୟୋଗରେ ମାନବଜାତି ଯେତେ ବି ବିଜ୍ଞାନୀ ବୋଲି ପରିଗଣିତ ହେଲେ ସୁଦ୍ଧା ନିଜକୁ ଭଗବତ୍ ସତ୍ତା ଠାଁ ବଳିଷ୍ଠ ଚିନ୍ତନ କରିବା ମୂର୍ଖତା ପଦବାଚ୍ୟ ଛଡା ଅନ୍ୟକିଛି ନୁହେଁ। ଏହା କେବଳ ମାୟାଜାଲର ବନ୍ଦୀର ପ୍ରଳାପ ସଦୃଶ। ଏ ସମାଜରେ ପ୍ରତ୍ୟେକ ଜୀବ, ନିର୍ଜୀବ ତତ୍ତ୍ୱ ଭଗବତ୍ ସତ୍ତାଠୁଁ ସ୍ୱତନ୍ତ୍ର ହୋଇ ନ ପାରେ। ଭୌତିକବାଦୀ କିଛି ବୈଜ୍ଞାନିକ ପଦାର୍ଥ, ରସଶୃଙ୍ଖଳା ବର୍ଜ୍ୟବସ୍ଥାୟନ ବା ଗାଣିତିକ ସୂତ୍ରକୁ କରାୟତ୍ତ କରି ନୂତନ ବ୍ରହ୍ମାଣ୍ଡ ସଂରଚନାର ସ୍ୱପ୍ନ ଦେଖି ଭଗବାନ ଶ୍ରୀକୃଷ୍ଣଙ୍କ ସତ୍ତାକୁ ଅସ୍ୱୀକାର କରିବାର ବୃଥା ଅସ୍ଫାଳନ କଲେ ସୁଦ୍ଧା ବୌଦ୍ଧିକ ସତ୍ତାକୁ ଜନ୍ମ ଦେବାରେ ଅସମର୍ଥ। ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ସମର୍ଥ ପଦାର୍ଥର ଉପଯୋଗ, ବିଯୋଗ କରି ନୂତନତ୍ୱର ଜନକ ହେବାର ଛଳନା କରୁଥିବା ମୂର୍ଖ ମାନବ ପ୍ରତିକ୍ଷଣରେ ଭଗବତ୍ ସତ୍ତାର ଅଧୀନ ଏହା ନିଃସନ୍ଦେହ। କେବଳ ଆଧୁନିକତାର ଦ୍ୱାହି ଦେଇ ବିକାଶର ଛଦ୍ମମୁଖାରେ ପାଗଳର ପ୍ରଳାପ କଲେ ଧର୍ମକୁ ନ୍ୟୁନ କରାଯାଇ ନ ପାରେ। ଭଗବତ୍ ସତ୍ତାକୁ ଅସ୍ୱୀକାର କରାଯାଇ ନ ପାରେ। କେବଳ କିଛି ବ୍ୟୋମଯାନ ଓ ଉପଗ୍ରହ ଉତ୍କ୍ଷେପଣ କରି ନିଜକୁ ଗର୍ବିତ ମନେ କରୁଥିବା ବିଜ୍ଞାନୀ ମାନବ କସ୍ମିନ କାଳେ ଗ୍ରହ ଉପଗ୍ରହ ଓ ଜାଗତିକ ବ୍ରହ୍ମାଣ୍ଡର ସଂରଚନା କରିପାରିବ ନାହିଁ। ଆଜି ମଧ୍ୟ ସୂକ୍ଷ୍ମ ଚକ୍ଷୁରେ ଅନୁଶୀଳନ କଲେ ସାଧାରଣ ମାନବ ଜ୍ଞାତ କରିପାରେ ଯେ ଯାହା ଧର୍ମ ଓ ଭଗବତ୍ ସତ୍ତାରେ ସୃଷ୍ଟ, ତାହା ଏବେ ସୁଦ୍ଧା ଆଂଶିକ ବୋଧ। ଅତଏବ ପ୍ରତ୍ୟେକ ସତ୍ତାର ଉତ୍ପତ୍ତି ସ୍ଥଳ ଭଗବତ ସତ୍ତା ବା କୃଷ୍ଣ ସତ୍ତା। ଶ୍ରୁତି ମନ୍ତ୍ରରେ ଲିଖିତ ଯେ 'ପରମତତ୍ତ୍ୱ' ବା "ପରମବ୍ରହ୍ମନ୍" ସମସ୍ତ ଜୀବ, ଜଡ ଜଗତର ଉତ୍ପତ୍ତିସ୍ଥଳ, ଭଗବତ୍ ସତ୍ତାଦ୍ୱାରା ପାଳିତ ଓ ପ୍ରବିଷ୍ଟ। "ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି" ଏଣୁ ବ୍ରହ୍ମାଣ୍ଡର ପରମ ସତ୍ୟ ଭଗବତ୍ ସତ୍ତା ଅଟେ। ଯେପରି ଜନ୍ମଦାତା / ଦାତ୍ରୀ ଠାରୁ ଜନ୍ମିତ କସ୍ମିନକାଳେ ଶ୍ରେଷ୍ଠ ହୋଇ ନଥାଏ, ଠିକ୍ ସେହିପରି ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କଠୁଁ ଅନ୍ୟ କେହି ଶ୍ରେଷ୍ଠ, ବଳିଷ୍ଠ ହୋଇ ନ ପାରେ। ସେ ହିଁ ଅଦ୍ୱୟ ସତ୍ୟ ପରମବ୍ରହ୍ମ ଅଟନ୍ତି। ବ୍ରହ୍ମା ସୃଷ୍ଟି ସଂରଚନା କରିଥିଲେ ସୁଦ୍ଧା ସେ ପରମବ୍ରହ୍ମ ନୁହନ୍ତି। କାରଣ ଶ୍ରୁତି ମନ୍ତ୍ର ଅନୁସାରେ ଓ ଶ୍ରୀମଦ ଭାଗବତ ଶ୍ଳୋକ ଅନୁଯାୟୀ ଶ୍ରୀକୃଷ୍ଣ ହିଁ ବ୍ରହ୍ମାଙ୍କୁ ସୃଷ୍ଟି ସଂରଚନା ପାଇଁ ପ୍ରେରଣା ପ୍ରଦାନ କରିଛନ୍ତି। ଅତଏବ ମାନବ କେବଳ ସୌରମଣ୍ଡଳ ଓ ଅନ୍ୟ କିଛି ଜାଗତିକ ସଂରଚନାକୁ ଅନୁଶୀଳନ କରି ଭଗବତ୍ ସତ୍ତା ପ୍ରତି ଯେତେ ପ୍ରଶ୍ନବାଚୀ ସୃଷ୍ଟି କଲେ ସୁଦ୍ଧା ସୂର୍ଯ୍ୟଙ୍କ (ଯେ କି ସୌରମଣ୍ଡଳର ଉଦ୍‌ଗମ ସ୍ଥଳ) ଉଦ୍‌ଗମ ସ୍ଥଳ ବିଷୟରେ ଚିନ୍ତା ମଧ୍ୟ କରିପାରିବ ନାହିଁ, ଅତଏବ "ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର"। ଭକ୍ତ ଓ ଭଗବାନର ସମ୍ପର୍କ ଜୀବସତ୍ତାର ଅନନ୍ୟ ଦିବ୍ୟ ଅନୁଭବ ଅଟେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ .. .. " ବିସୃଜତି ହୃଦୟଂ ନ ଯସ୍ୟ ସାକ୍ଷାଦ୍ ଧରିର୍ ଅବସା ଭିହିତୋ ପି ଅଘୌଘନାଶଃ ପ୍ରଣୟ ରସନୟା ଧୃତାଙ୍ଘ୍ରିଂ – ପଦ୍ମଃ ସ ଭବତି ଭାଗବତ୍ – ପ୍ରଧାନ ଭକ୍ତଃ।

ଯଦି ଭକ୍ତ ଭଗବାନଙ୍କ ପାଦପଦ୍ମରେ ନିଜର ତନ, ମନ, ଧନ ସମ୍ପୁର୍ଣ୍ଣ ସମର୍ପଣ ଭାବ ସହ ପୂର୍ଣ୍ଣ ହୃଦୟରେ ସପ୍ରେମ ନିବେଶ କରେ, ତେବେ ସେ ପରମଭକ୍ତ ରୂପେ ବିବେଚିତ ହୁଏ ଓ ଭଗବାନ କେବେ ମଧ୍ୟ ତାକୁ ପରିତ୍ୟାଗ କରି ନ ଥାନ୍ତି। ଏପରିକି ଯଦି ଭକ୍ତର ସ୍ମରଣ ସିଦ୍ଧ ହୋଇ ନ ଥିଲେ ମଧ୍ୟ ତାକୁ ଭାଗବତ ପ୍ରଧାନ ଭକ୍ତ ରୂପେ ବିବେଚନା କରାଯାଏ। ଏ ଜଗତରେ ଆବର୍ଭୂତ ସମସ୍ତ ପଦାର୍ଥ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ। କେବଳ ସପ୍ରେମ ତାକୁ ଭକ୍ତି ଭାବରେ ଭଗବାନଙ୍କ ପାଦପଦ୍ମରେ ସମର୍ପଣ କରିବା ବିଧେୟ। ଶାସ୍ତ୍ରରୁ ଏହା ସହଜରେ ଅନୁମିତ ଯେ, ଜ୍ଞାନ ଓ ଜ୍ଞାନର ବାସ୍ତବ ଅନୁଭୂତିକୁ ବିଜ୍ଞାନ କୁହାଯାଏ। ଅତଏବ ବିଜ୍ଞାନ ଭୌତିକ ସର୍ବସ୍ୱ ନୁହେଁ। ଏହା ବୌଦ୍ଧିକତାର ଚମତ୍କାର ନିଦର୍ଶନ ଅଟେ। ଶ୍ରୀକୃଷ୍ଣଙ୍କ ଧର୍ମୀୟ ସତ୍ତା ଭୌତିକ ବିଶ୍ୱାସ, ପ୍ରକାଶ ଠାରୁ ଯଥେଷ୍ଟ ଭିନ୍ନ ଓ ପୂର୍ଣ୍ଣ ଉର୍ଦ୍ଧ୍ୱରେ ଅବସ୍ଥିତ। ଯେପରି ସୂର୍ଯ୍ୟରୁ କିରଣ ଜାତ, କିନ୍ତୁ ସୂର୍ଯ୍ୟ ଓ ଦୀପ୍ତ ଏକାକାର ନୁହନ୍ତି, ତଥାପି ସୂର୍ଯ୍ୟ ବିନା କିରଣ ନିଷ୍ପ୍ରଭ ଓ ବିନା ଦୀପ୍ତରେ ସୂର୍ଯ୍ୟ ଅର୍ଥହୀନ, ଠିକ୍ ସେହିପରି ଭକ୍ତ ଭଗବାନର ସମ୍ପର୍କ। ତାତ୍ପର୍ଯ୍ୟପୂର୍ଣ୍ଣ ଅନୁଭୂତି ଏହା ଯେ ବ୍ୟକ୍ତି ଯେ ପର୍ଯ୍ୟନ୍ତ ଭୂତ ପ୍ରବୃତ୍ତିରୁ ମୁକ୍ତି ହୋଇ ନାହିଁ, ଭଗବତ୍ ସତ୍ତାକୁ ଉପଲବ୍ଧି କରିପାରିବ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମିଥ୍ୟା ମାୟା ମୁଗ୍ଧ ଥିବ, ସେ ପର୍ଯ୍ୟନ୍ତ ଭଗବତ୍ ସତ୍ତା ପ୍ରହେଳିକା ସମ ପ୍ରତୀତ ହେବ ଓ ମାନବ ଜୀବନ ପରିପୂର୍ଣ୍ଣତା ଲାଭ କରିବ ନାହିଁ। ବାସ୍ତବିକ ମାନବ ଜୀବନ ବିନା ଧର୍ମୀୟ ସତ୍ତାରେ ବିଷମୟ ହୋଇଉଠେ। ଏଣୁ ଏକାନ୍ତ ବିଶ୍ୱାସ ଓ ବିଶୁଦ୍ଧ ପ୍ରେମରେ ହିଁ ସିଦ୍ଧି ପ୍ରାପ୍ତି ହୁଏ। ଭକ୍ତି ଭାବରେ ଆତ୍ମବିଭୋର ହୋଇ କେତେବେଳେ ପ୍ରଳାପ କରିଥାଏ ତ କେତେବେଳେ ହସି, ନାଚି, କାନ୍ଦି ଭକ୍ତ ତା'ର ପ୍ରଭୁଙ୍କୁ ବନ୍ଦନା କରେ। ତାହା କେବଳ ଭକ୍ତ ଭଗବାନ ସମ୍ପର୍କରୁ ଅନୁମେୟ। ମାନବ ଜୀବନ ଯେତେ ବିକଶିତ ହେଲେ ମଧ୍ୟ ଭୌତିକ ସୁଖ ବ୍ୟତିରେକ ଧର୍ମମୁଖ ପାଇବା ଦୁରୂହ ବ୍ୟାପାର। କେବଳ ଶ୍ରୀକୃଷ୍ଣଙ୍କ ପ୍ରେମରସରେ ଉଦ୍‌ବୁଦ୍ଧ ହେଲେ ହିଁ ମାନବ ଜୀବନ ମୋକ୍ଷ ପ୍ରାପ୍ତ ହେବ। ବୌଦ୍ଧିକ ସୁଖର ଅଭାବ ହେତୁ ଆଜି ମାନବ ସମାଜ ଦୁଃଖ ଓ ଯନ୍ତ୍ରଣାରେ ପ୍ରପୀଡିତ ଓ ଜର୍ଜରିତ। ଅର୍ଥର ପ୍ରାବଲ୍ୟରେ ଦୁଃଖର ସାଗର ଆଧୁନିକ ନିମ୍ନମୁଖୀ ସମାଜର ଜ୍ୱଳନ୍ତ ରୂପାନ୍ତର। ମିଥ୍ୟା, ଅନୀତି, ଅଧର୍ମର ତାଡନାରେ ପ୍ରାୟତଃ ସମସ୍ତେ ବ୍ୟତିବ୍ୟସ୍ତ। କେବଳ ଏଥିରୁ ମୁକ୍ତି ଭଗବତ୍ ସତ୍ତାର ଉପଲବ୍ଧିରୁ ସମ୍ଭବ। ଶ୍ରୀକୃଷ୍ଣଙ୍କ ପ୍ରେମରସରେ ଉଦ୍‌ବୁଦ୍ଧ ହେଲେ ହିଁ ଧର୍ମୀୟ ବାନା ଜାଗ୍ରତ ହେବ ଓ ଇନ୍ଦ୍ରୀୟ ଦିବ୍ୟସୁଖ ପ୍ରାପ୍ତି ହେବ। ବିନା ଶ୍ରୀକୃଷ୍ଣ ପ୍ରେମରେ ବୃନ୍ଦାବନ ପ୍ରତିଷ୍ଠା ହେବ ନାହିଁ। ପ୍ରେମରସ ଅମୃତ ବର୍ଷା ହେବ ନାହିଁ। ଜୀବ ସତ୍ତାରେ ଅମୃତବର୍ଷା କେବଳ ଶ୍ରୀକୃଷ୍ଣଙ୍କ ଦ୍ୱାରା ସମ୍ଭବ। ଶ୍ରୀକୃଷ୍ଣ ଭାବରେ ସମ୍ପୂର୍ଣ୍ଣ ତଲ୍ଲୀନ ହେବା ସହ ବୌଦ୍ଧିକ ବିକାଶ ସହ ବୈଜ୍ଞାନିକ ଶକ୍ତିର ସମ୍ପୂର୍ଣ୍ଣ ସମନ୍ୱୟ ଆଜିର ସମାଜବାଦୀ ଯୁଗର ନୂତନ ଆହ୍ୱାନ। ଧର୍ମ ବ୍ୟତିରେକ ଜୀବନ ନାସ୍ତି, ଏହା ଧ୍ରୁବ ସତ୍ୟ। ସମସ୍ତ ଭୌତିକ ଆକାଙ୍କ୍ଷା ଯେ ବୌଦ୍ଧିକ ସତ୍ତା ଆଗରେ ନିଷ୍ପ୍ରଭ। ଏହା ସହଜେ ବୋଧଗମ୍ୟ।

# ଲେଉଟିଛି ତାତି...


ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ–୯୪୩୭୭୨୯୩୮୪




ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ ରେମାଲ ପଶ୍ଚିମବଙ୍ଗ ଓ ବାଙ୍ଗଲାଦେଶରେ ଝଡତୋଫାନ ସୃଷ୍ଟି କରିଥିବା ବେଳେ ଦେଶର ବିଭିନ୍ନ ପ୍ରାନ୍ତରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଦିଲ୍ଲୀର ତାପମାତ୍ରା ୫୨.୩ ରହିଥିବା ବେଳେ ରାଜସ୍ଥାନରେ ଅଂଶୁଘାତ ଜନିତ ମୃତ୍ୟୁ ବଢିଚାଲିଛି । ଆମ ରାଜ୍ୟ ମଧ୍ୟକୁ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହ କରିବା ଦ୍ୱାରା ବିଭିନ୍ନ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ବୃଦ୍ଧି ପାଇଛି । ରାଜ୍ୟର ୧୦ଟି ସହରର ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବଲାଙ୍ଗୀର ତାପମାତ୍ରା ସର୍ବାଧିକ ରହିଛି । ୨୯ ତାରିଖରେ ଏଠାରେ ତାପମାତ୍ରା ୪୬.୩ ଡିଗ୍ରି ରହିଥିଲା । ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ଆକାଶରୁ ନିଆଁ ବର୍ଷୁଛି । ଦିନରେ ପ୍ରବଳ ଖଇ ଫୁଟିଲା ଭଳି ରାସ୍ତାରୁ ତତଲା ବାମ୍ଫ ବାହାରୁଛି । ଖରା ଓ ତାତିର ଅସହ୍ୟ ଗୁଳୁଗୁଳି ସନ୍ତୁଳି ପକାଉଛି ଜନ ଜୀବନକୁ । ବାୟୁମଣ୍ଡଳରେ ଆର୍ଦ୍ରତା ମଧ୍ୟ ହ୍ରାସ ପାଉଛି । ସକାଳ ନଅଟାର ଖରାକୁ ଦେଖିଲେ ମଧ୍ୟାହ୍ନର ଭ୍ରମ ସୃଷ୍ଟି ହେଉଛି । ସାମୁଦ୍ରିକ ବାୟୁ ପ୍ରବାହ ଅନେକ ପରିମାଣରେ ତାପମାତ୍ରା ନିୟନ୍ତ୍ରଣ କରିଥାଏ । ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ଯୋଗୁଁ ସାମୁଦ୍ରିକ ବାୟୁ ପ୍ରବାହର ମାତ୍ରା ହ୍ରାସ ପାଇଛି । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ତାପରେ ମଣିଷଠୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଡହଳ ବିକଳ ହେଉଛନ୍ତି । ସୂର୍ଯ୍ୟଙ୍କର ପ୍ରଚଣ୍ଡ ରଶ୍ମି ମନୁଷ୍ୟକୁ ଅସୁସ୍ଥ କରିଦେବା ସହ ଶରୀର ଉପରେ ଏହାର କୁପ୍ରଭାବ ପଡୁଛି । ଗୋଟିଏ ସ୍ଥାନର ଗତ ୩୦ ବର୍ଷର ତାପମାତ୍ରାର ହାରାହାରିକୁ ସାଧାରଣ ତାପମାତ୍ରା କୁହାଯାଏ । ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ୍ ଯଦି ବୃଦ୍ଧି ପାଏ ତାକୁ ସାଧାରଣ ଗ୍ରୀଷ୍ମ ପ୍ରବାହର ଆଖ୍ୟା ଦିଆଯାଇଥାଏ । ଯଦି ଏହା ୭ରୁ ୮ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧିପାଏ ତେବେ ଏ କ୍ଷେତ୍ରରେ ଗ୍ରୀଷ୍ମପ୍ରବାହକୁ ଅତ୍ୟଧିକ ବୋଲି କୁହାଯାଏ । ଜାତୀୟ ପାଣିପାଗ ସଂସ୍ଥାର ମତ ଅନୁସାରେ ସାଧାରଣତଃ ୨୭ରୁ ୩୨ ଡିଗ୍ରୀ ସେଲସିୟସ୍ ବା ୮୦ ରୁ ୯୦ ଡିଗ୍ରୀ ଫାରେନ୍‌ହାଇଟ୍ ତାପମାତ୍ରାକୁ ସ୍ୱାଭାବିକ ଏବଂ ୩୨ରୁ ୪୧ ଡିଗ୍ରୀ ସେଲସିୟସ୍ ତାପମାତ୍ରାକୁ ଅସ୍ୱାଭାବିକ ଧରାଯାଇଥାଏ । ୪୧ ଡିଗ୍ରୀ ସେଲ୍‌ସିୟସ୍ ଠାରୁ ଅଧିକ ଉତ୍ତାପ ମଣିଷ ସହ୍ୟ କରିପାରେ ନାହିଁ । ଶରୀରର ଉତ୍ତାପ ୪୧ ଡିଗ୍ରୀ ସେଲ୍‌ସିୟସ୍ ବା ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ପହଞ୍ଚିଲେ ଶରୀରରେ ଜଳୀୟ ଅଂଶ ଦ୍ରୁତ ଭାବରେ ହ୍ରାସପାଇଥାଏ । ଫଳରେ ଶରୀରର ବିଭିନ୍ନ ପ୍ରକ୍ରିୟାରେ ପରିବର୍ତ୍ତନ ଆସିବା ସହ ଲୋମ ଗ୍ରନ୍ଥି ଗୁଡିକ ଶୁଖିଯାଏ । ଶରୀର ଅବଶ ହୋଇପଡେ ଏବଂ କାର୍ଯ୍ୟ ଦକ୍ଷତା ହ୍ରାସ ପାଇଥାଏ । ମନୁଷ୍ୟ ଅଂଶୁଘାତର ଶୀକାର ହୁଏ । ଏଥିରୁ ରକ୍ଷାପାଇବା ପାଇଁ ଆମେ ଥଣ୍ଡା ପାନୀୟ ଓ ଫଳ ଉପରେ ନିର୍ଭର କରିଥାଉ ।

ଅଂଶୁ ଅର୍ଥାତ୍ ସୂର୍ଯ୍ୟ କିରଣ ଦ୍ୱାରା ଆଘାତ ପ୍ରାପ୍ତ ହୋଇ ମୂର୍ଚ୍ଛା ବା ପ୍ରାଣ ହରାଇବା ପର୍ଯ୍ୟନ୍ତ ଅବସ୍ଥାକୁ ଅଂଶୁଘାତ କୁହନ୍ତି । ଗତ କେଇ ଦଶନ୍ଧିରୁ ଓଡିଶାର ତାପମାତ୍ରା ବୃଦ୍ଧିର ପ୍ରଭାବ ଅନୁଭୂତ ହୋଇଆସୁଥିଲେ ମଧ୍ୟ ୧୯୯୮ ମସିହାରେ ଏହା ଭୟଙ୍କର ରୂପ ଧାରଣ କରିଥିଲା । ସଚେତନତା ଅଭାବରୁ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ରାଜ୍ୟରେ ସେ ବର୍ଷ ୨୦୪୦ ହୋଇଥିଲା । ସେତେବେଳେ ଅଂଶୁଘାତକୁ ନେଇ ରାଜ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଯାଇଥିଲା । ଏଥିରୁ ତ୍ରାହି ପାଇବାପାଇଁ ତା ପର ବର୍ଷ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଂଶୁଘାତ ପୂର୍ବ ପ୍ରସ୍ତୁତି ଯୋଗୁଁ ଯଦିଓ ଅଂଶୁଘାତ ମୃତ୍ୟୁକୁ ବହୁମାତ୍ରାରେ ରୋକାଯାଇଛି ତଥାପି ଅଂଶୁଘାତ ସମ୍ପର୍କରେ ପାଣିପାଗ ପକ୍ଷରୁ ୟେଲୋ ଓାର୍ଣ୍ଣିଂ ସୂଚନା ମଣିଷ ମନରେ ଛନକା ଖେଳାଏ ।

ଉତ୍ତାପ ବୃଦ୍ଧିଯୋଗୁଁ ବିଭିନ୍ନ ଜଳାଶୟରେ ଖରାଦିନେ ଜଳର ଘୋର ଅଭାବ ସୃଷ୍ଟି ହୁଏ । ମୁନ୍ଦାଏ ପାଣି ପାଇଁ ଲୋକେ ଅନେକ ବାଟ ଅତିକ୍ରମ କରନ୍ତି । କେଉଁଠି ନଦୀବାଲି ତାଡି, କେଉଁଠି ଚୁଆ ଖୋଳି ଆଉ କେଉଁଠି ପାହାଡ ଝରଣାରୁ ଜଳ ସଂଗ୍ରହ କରି ଏହାକୁ ପାନୀୟ ଜଳ ଭାବେ ଲୋକେ ବ୍ୟବହାର କରିଥାନ୍ତି । ଜଙ୍ଗଲରେ ଥିବା ପଶୁପକ୍ଷୀ ଓ ତରୁଲତା ଜଳର ଅଭାବ ଯୋଗୁଁ ଡହଳ ବିକଳ ହୁଅନ୍ତି । ଦିନ ଦିନ ଧରି ଏପରି ଅଥୟ ଖରାପରେ ଖରାର ଉତ୍ତାପ ହଜି ଯାଇ ମଝିରେ ମଝିରେ ଆକାଶରେ ଘୋଟି ଆସେ କଳାମେଘ । ଗ୍ରୀଷ୍ମଋତୁର ସୃଷ୍ଟ ଏକ ବିଶେଷ ପ୍ରକ୍ରିୟା ଯୋଗୁଁ କାଳବୈଶାଖୀ ବର୍ଷା ଓ ଝଡତୋଫାନ ଗ୍ରାସ କରେ ସାରାଜଗତକୁ । ଯାହା ଫଳରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ତ୍ରାହି ମିଳିଥାଏ । ଖରାଦିନର ଏହି ଅସରାଏ ବର୍ଷା ଖାଲି ମାଟିକୁ ସୁବାସିତ କରେନି ମନକୁ ବି ସୁବାସିତ କରି ଭିଜେଇ ଦିଏ । ଭାରି ଭଲଲାଗେ ଖରାଦିନର ଏହି ଅସରାଏ ଅସରାଏ ବର୍ଷା । ଜଳଦାନ କରି ପୂଣ୍ୟ ଅର୍ଜନ କରିବା ପାଇଁ କେହି କେହି ପଥିକମାନଙ୍କ ପାଇଁ ଜଳଛତ୍ରର ବ୍ୟବସ୍ଥା କରିଥାନ୍ତି । ଘିମିରି, ବଥ ଆଦି ଚର୍ମ ରୋଗରୁ ରକ୍ଷା ପାଇବା ପାଇଁ କେତେକ ଚନ୍ଦନ ଦେହରେ ଲେପନ କରିଥାନ୍ତି । ପ୍ରବଳ ଗରମ ଓ ଗୁଳୁଗୁଳିରେ ଶୋଷ ମେଣ୍ଟାଇବା ପାଇଁ ଲୋକେ ବିଭିନ୍ନ ପାନୀୟ ଯଥା- ପଣା, ଲସି, ପଇଡ ପାଣି, ଲେମ୍ବୁ ସରବତ, ତରଭୁଜ ଜୁସ୍ ପିଇଥାନ୍ତି । ଖରାଦିନେ ପଖାଳ ଖାଇବା ଭାରି ଉପକାର ହୋଇଥାଏ । ଦହି ପଖାଳ ମନରେ ଶୀତଳତା ଭରିଦିଏ । ପଖାଳ ଅଂଶୁଘାତ ସମସ୍ୟାକୁ ମଧ୍ୟ ପ୍ରତିହତ କରିଥାଏ । ପ୍ରକୃତି ବି ଗ୍ରୀଷ୍ମ ଋତୁକୁ ସ୍ୱାଗତ କରିବା ପାଇଁ ନାନା ଭାବରେ ସଜାଇ ହୋଇଥାଏ । ଏ ଋତୁରେ ଚମ୍ପା, ମଲ୍ଲୀମାଳତୀ, ରାଧାଚୂଡା, କୃଷ୍ଣଚୂଡା, ମାଳତୀ, ବଣମଲ୍ଲୀ, ସୁଗନ୍ଧରାଜ, ଯୁଇ, ଯାଇ ଆଦି ଫୁଲର ମହକ ସାଙ୍ଗକୁ ଆମ୍ବ, ପଣସ, ସପୁରୀ, ଲିଚୁ, ଜାମୁ, କେନ୍ଦୁ, ତାଳସଜ, ତରଭୁଜ ବିଭିନ୍ନ ପ୍ରକାର କୋଳିର ପସରା ମେଲିଥାଏ । ପ୍ରବଳ ଗରମ ସହ୍ୟ କରିନପାରି ମହାପ୍ରଭୁ ବି ଗାଧୋଇବାକୁ ଇଚ୍ଛା କରନ୍ତି । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚୁପାଣ୍ଡବ ଭକ୍ତଙ୍କ ଗହଣରେ ଜଳକ୍ରିଡା କରନ୍ତି । ପବିତ୍ର ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି । ଏକୋଇଶ ଦିନ ବ୍ୟାପୀ ବାହାର ଚନ୍ଦନ ଓ ଏକୋଇଶ ଦିନ ଭିତର ଚନ୍ଦନ ଅନୁଷ୍ଠିତ ହୁଏ । ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଏହି ଜଳକ୍ରିଡା ମାଧ୍ୟମରେ ମହାପ୍ରଭୁଙ୍କ ମାନବୀୟ ଲୀଳା ଦେଖିବାକୁ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁଙ୍କ ଭିଡ ଜମେ ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଭେଟି



ସୁନନ୍ଦା ମହାନ୍ତି

ଭାଗ୍ୟର ଗୋଟି ଚାଳନାରେ କିଏ କେତେବେଳେ କୋଉଠି କେହି ଜାଣିନଥାଏ। ସେଇଥିପାଇଁ ତ ବଡ଼ପୁରୁଷ କହିଛନ୍ତି ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର। ପୁଣି ଆଜି ଯେ ଫକୀର କାଲି ସେ ବସେ ରାଜାଙ୍କ ଆସର। ସୀତାଂଶୁଙ୍କ ଭାଗ୍ୟର ଗୋଟି କେବଳ ସଫଳତାର ଶିଡି ଚଢେଇ ଆଣିଛି ତାଙ୍କୁ। ଘର, ଗାଡି, ବ୍ୟାଙ୍କ ବାଲାନ୍ସ ସାଙ୍ଗକୁ ସୁନ୍ଦରୀ ଶିକ୍ଷିତା ରୋଜଗାରକ୍ଷମ ସ୍ତ୍ରୀ ସହ ତାଙ୍କ ନିଜର ମୋଟା ଅଙ୍କର ଦରମା ସହ ଉଚ୍ଚ ପଦ ପଦବୀ। ପୁଣି ଅବସର ଆସିବା ପୂର୍ବରୁ ଦୁଇ ଝିଅଙ୍କୁ ବାହା ଦେବା ସହ ଦୁଇ ପୁଅଙ୍କ ଭିତରୁ ଜଣଙ୍କୁ ଡାକ୍ତର ଓ ଜଣଙ୍କୁ ଇଞ୍ଜିନିଅର କରିସାରିଛନ୍ତି। ଅବସର ପରେ ସକ୍ଷମ ରହିବାକୁ ମଧ୍ୟ ସ୍ତ୍ରୀ କାନ୍ତାଙ୍କ ପାଇଁ ତାଙ୍କୁ ଆଉ ସାତ ଆଠ ବର୍ଷ ପାଖାପାଖି ସକ୍ରିୟ ରହିବାକୁ ହେବ। ଏଇ ଯେମିତି ସବୁଦିନ ସ୍ତ୍ରୀଙ୍କୁ କାରରେ ନେଇ ଛାଡ଼ିବା ଓ ଆଣିବା ତଥା ଦରକାର ପଡିଲେ ସ୍ତ୍ରୀ ଚାକିରି କରୁଥିବା ଅଫିସର ଭଲ ମନ୍ଦ ଭିତରେ ମୁଣ୍ଡ ଖେଳାଇ ନିଜକୁ ସକ୍ରିୟ ଓ ସୁସ୍ଥ ମନେ କରିବା। କାରଣ ଏହି ଥିଲା କି ସେ ଯେଉଁ ହେଡ଼ ଅଫିସରେ ଅଫିସର ଭାବେ ରହି ବହୁ ଅଭିଜ୍ଞତା ଆଇ ଅବସର ଗ୍ରହଣ କରିବେ ସେହି ଅଫିସର ଗୋଟିଏ ବ୍ରାଞ୍ଚରେ ସ୍ତ୍ରୀ କାନ୍ତା ଚାକିରି କରନ୍ତି। ସତକୁ ସତ ସେଦିନ ଆସିଗଲା। ସୀତାଂଶୁଙ୍କ ଅବସର ପରେ ଘରୋଇ କାମ ଆଉ କିଛି ବାକି ନଥିଲା। ପୁଅ ଦୁହେଁ ନିଜ ପସନ୍ଦରେ ଯୋଉଠି କହିବେ ସେଇଠି ବାହା କରିଦେଲେ ଯାଏ। ତେଣୁ ନିଜ ଅଫିସର ବ୍ରାଞ୍ଚ ଅଫିସରେ ଥିବା କାନ୍ତାଙ୍କୁ ସମୟ ଓ ସହଯୋଗ ଯୋଗେଇ ଦେଇ ଯା ହେଉ କାନ୍ତା ମ୍ୟାଡାମଙ୍କ ସ୍ୱାମୀଙ୍କ ସହାୟତା ଓ ସହଯୋଗ ତଥା ଅନୁଭୂତି ଯୋଗୁଁ ଆମ ଅଫିସର ଛୋଟ ମୋଟ କାମ ଆଉ ବାଟରେ ଅଟକୁ ନାହିଁ ମନ୍ତବ୍ୟ ଶୁଣିବାକୁ ଏବେ ଆଶାୟୀ ସୀତାଂଶୁ।

ସେହି ସମୟ ସୁଯୋଗ ଆସିଲା କିନ୍ତୁ ଲକ୍ଷ କଲେ ସୀତାଂଶୁ ସ୍ତ୍ରୀ କାନ୍ତାଙ୍କ ଅଫିସର କର୍ମଚାରୀମାନେ ଆଉ ଆଗପରି ତାଙ୍କୁ ସମ୍ମାନ ଦେଉନାହାଁନ୍ତି। କେବଳ ଆଗରୁ ତାଙ୍କ ଉପରିସ୍ଥ ଅଫିସର ଥିବାରୁ ଓ ସହକର୍ମୀ କାନ୍ତା ମ୍ୟାଡାମଙ୍କର ସ୍ୱାମୀ ହୋଇଥିବା ଦୃଷ୍ଟିରୁ ଭଦ୍ରାମୀ ଖାତିରରେ ଯେତିକି। ସେତକ ମଧ୍ୟ ଆଗେ ଆଗେ ନମସ୍କାର କରୁଥିବା ଶୈଳୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯୋଉଥିରେ ଅବଜ୍ଞା ଭାବ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଏମିତିକି ଏହି ବ୍ରାଞ୍ଚ ଅଫିସର ହେଡ଼ ବା ମୁଖ୍ୟ ଆଗପରି ସମ୍ମାନ କରୁନଥିଲେ କେବଳ ସାର ବୋଲି ଡାକୁଥିଲେ ସତେ ଯେମିତି ଖୁବ ବଡ଼ କଥା। ଥରେ ଦିଥର ଉପରେ ପଡି ଅଫିସର କୌଣସି ଦରକାରୀ କାମରେ ସାହାଯ୍ୟର ହାତ ବଢ଼େଇ ମଧ୍ୟ ସଦିଚ୍ଛା ପରିବର୍ତ୍ତେ ଅନିଚ୍ଛାର ବାତାବରଣରେ ଚମକି ଉଠୁଥିଲେ ସୀତାଂଶୁ। ପୁଅ ଦୁହିଁଙ୍କୁ ପାଠ ପଢ଼େଇ, ଖଣ୍ଡେ ଖଣ୍ଡେ ଗାଡି ଧରେଇ, ନିଜ ପସନ୍ଦର ଝିଅ ଠିକ କରି ବାହାହେବାର ସ୍ୱାଧୀନତା ଦେଇଥିଲେ ମଧ୍ୟ ବାହାଘର ବେଳେ ସାଜସଜ୍ଜା, ମେନୁ କି ଭେନୁ ବିଷୟରେ ସୀତାଂଶୁଙ୍କ ସାହାଯ୍ୟ କେହି ଲୋଡି ନଥିଲେ। ଏମିତିକି ସେ

କୋଉଥିରେ ପାଟି ଖୋଲିଲେ ନିଜ ସନ୍ତାନଙ୍କ ପାଖରେ ଅସମ୍ମାନିତ ହେବାର ଭୟ ଥିଲା। ଖାଲି ସେତିକି ନୁହେଁ ତାଙ୍କ ପଇସାରେ କିଣା ଯାଇଥିବା ଗାଡିର କଲର ହେଉ ବା କୋଉ କମ୍ପାନୀର ଜି.ପି.ଏସ କିଣି ପୁରୁଣା ଜି. ପି. ଏସ ବଦଳିବାରେ ମଧ୍ୟ ତାଙ୍କର ସାମାନ୍ୟତମ ଅନୁମତି ଦୂରେ ଥାଉ ପଚାରିବାକୁ ଉଚିତ ମଣୁନଥିଲେ କେହି। ଏସବୁ କଣ ତାଙ୍କ ପଦ ପଦବୀ ହରେଇବା ପାଇଁ ନା ଭାଗ୍ୟର ଗୋଟି ଚାଳନା ବୁଝିପାରୁନଥିଲେ ସୀତାଂଶୁ।

ସ୍ତ୍ରୀ କାନ୍ତାଙ୍କର ମଧ୍ୟ ଏ ଭିତରେ ଅବସର ଆସିଥିଲା। ସେ ମଧ୍ୟ ସ୍ୱାମୀଙ୍କ ଭଳି ଅନୁଭବର ଶୀକାର ହେଉଛନ୍ତି କି ଭାବି ସୀତାଂଶୁ ଦିନେ ପଚାରିଥିଲେ କାନ୍ତାଙ୍କୁ ଏମିତି ପ୍ରଶ୍ନଟିଏ ଯେ ତୁମେ ଏତେ ଶାନ୍ତିରେ ରହିପାରୁଛ କେମିତି ଅବସର ପରେ? ହସିଥିଲେ କାନ୍ତା। କହିଥିଲେ ମୋ ନିଜ ଭିତରେ ଥିବା ସମସ୍ତ ଶକ୍ତି ସାମର୍ଥ୍ୟକୁ ମୁଁ ମୋ ନିଜ ଭିତରେ ବନ୍ଦୀ କରି ନିଜକୁ ଦେଉଛି ଶିକ୍ଷା, ନିଜକୁ ଶିଖାଉଛି ଚାଲିବାର ରାସ୍ତା। ସବୁବେଳେ ରାସ୍ତା କଣ୍ଟକିତ। ତେଣୁ ଝୁଣ୍ଟି ପଡିବା ପୂର୍ବରୁ ଗତକାଲିର ବିଷୟ ପ୍ରତି ଅନ୍ଧ ହୋଇ ଆସନ୍ତା କାଲିର ସମ୍ଭାବନା ପାଇଁ ବଧିର ହୋଇ କେବଳ ଆଜିକୁ ଭଲପାଅ। ସେ ଭଲ ପାଇବା ମଧ୍ୟ ମୂକ ହୋଇ ଅର୍ଥାତ ଅନ୍ୟକୁ କିଛି ମତାମତ ନଦେଇ, ଉପଦେଶ ନଦେଇ। ଆଜିକାଲି ସମସ୍ତେ ଓଳିଆରୁ ପଡି ଗଜା। ନିଜକୁ ନିଜେ ନିଜର ଦର୍ଶନ ଓ ଦାର୍ଶନୀ ଦେଇ ଯୋଉଥିରେ ଖୁସି ପାଉଛି ସେୟା କରିଯାଉଛି। ସେଇଥିପାଇଁ ତ ଲେଖୁଛି। ଲେଖିବାରେ ନିଜ ଦର୍ଶନ ଓ ଚିନ୍ତନ ପ୍ରକାଶ କରି ସନ୍ତୋଷ ପାଉଛି ଓ ଲେଖୁଥିଲା ପର୍ଯ୍ୟନ୍ତ ବଞ୍ଚିଥିବି ଲେଖା ସରିଗଲେ ସରି ମରିଯିବି। ପାଟିରେ ହାତ ରଖି ସୀତାଂଶୁ କହିଲେ ସେମିତି କୁହନି। ଆଗ ପଛ ନୁହେଁ ବରଂ ସାଙ୍ଗ ହୋଇ ଯିବା। ସୀତାଂଶୁ ତା ପରଠୁ ନିଜ ଗୀଟାର, ସୀତାର, ହାରମୋନିଅମ ସଜାଡି ନେଇଥିଲେ ନିଜ ପାଇଁ। ଗାଉଥିଲେ ଖୁବ ସୁନ୍ଦର ପୁରୁଣା ଭଜନ, ଆଧୁନିକ ତଥା ଓଡିଶୀ ଚମ୍ପୁ। ଜୀବନ ଜିଇଁବାର କଳା ଓ ସୂତ୍ର ପାଇ ଖୁସି ଥିଲେ ସୀତାଂଶୁ।ଏଣିକି ସ୍ତ୍ରୀ କାନ୍ତା ସୀତାଂଶୁଙ୍କ ପୁରୁଣା ଓ ନୂଆ ଫଟୋ ସବୁ ସଜାଡି ରଖିବା ସହ ଦୁହିଁଙ୍କ ଯୁଗ୍ମ ଫଟୋ ଓ ଅନ୍ୟାନ୍ୟ ଫଟୋ ଦେଖି ଖୁସି ପାଉଥିଲେ।



ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

# ଝରକା ପାଖ ସିଟ୍

ମନୋଜ କୁମାର ବେହେରା



ବହୁତ ଖୁସି ଥିଲା ରମା ଆଜି। କାହିଁକି ଅବା ଖୁସି ହେବନାହିଁ ସେ ? ବହୁତ ବର୍ଷ ପରେ ସାଙ୍ଗମାନଙ୍କ ସହିତ ମା' ବୈଷ୍ଣୋ ଦେବୀଙ୍କ ଦରବାରକୁ ଯିବାର ସୌଭାଗ୍ୟ ମିଳିଥିଲା ତାକୁ। ରମାକୁ ବସ୍‌ରେ ବସି ବସି ଶୋଇବା ପସନ୍ଦ ନଥିଲା ଜମାରୁ। ତେଣୁ ସେ ଝରକା ପାଖ ସିଟ୍‌ରେ ବସି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲା। ଆଉ ସେ ସବୁକୁ ନିଜ ମୋବାଇଲ୍‌ରେ ବନ୍ଦୀ କରି ଚାଲିଥିଲା। ଗୋଟିଏ ଜାଗାରେ ଯାତ୍ରୀମାନଙ୍କର ଭୋଜନ ପାଇଁ ଅଟକାଗଲା ବସ୍‌କୁ। ଯେତେବେଳେ ସେ ଖାଇ ସାରି ବସ୍‌ରେ ଉଠିଲା ସେତେବେଳେ ସେ ଦେଖିଲା ତା' ବସିବା ଜାଗାରେ ତା'ର ସାଙ୍ଗ ଅନୁ ବସିଛି। ସେ ଅନୁକୁ ଅନୁରୋଧ କଲା ତାକୁ ସେହି ଝରକା ପାଖ ସିଟ୍‌ଟା ଛାଡି ଦେବା ପାଇଁ। ଅନୁ ତୁରନ୍ତ ଖାଲି କରିଦେଲା ସେହି ସିଟ୍‌କୁ। ପୁଣି ଥରେ ଚମକ ଫେରି ଆସିଲା ରମାର ଚେହେରାରେ। ସେ ନିଜର ମୋବାଇଲ୍‌କୁ କାଢି ପ୍ରକୃତିର ଅମୂଲ୍ୟ ଚିତ୍ର ନେବାରେ ବ୍ୟସ୍ତ ହୋଇଗଲା ପୁଣି ଥରେ। କିଛି ସମୟ ପରେ ରମା ଦେଖିଲା କି ଅନୁ ମଧ୍ୟ ବାହାରକୁ ଟିକିଏ ଟିକିଏ ଅନେଇ ନିଜ ମୋବାଇଲ୍‌ରେ ପ୍ରକୃତିର ପିକ୍‌ଚର ଉଠେଉଛି। କିଛି ସମୟ ପରେ ସନ୍ଧ୍ୟାବେଳର ଚାହା-ପାନ ପାଇଁ ପୁଣି ଥରେ ଅଟକାଗଲା ବସ୍‌କୁ। ସବୁ ସାଙ୍ଗମାନେ ଏକାଠି ବସି ଦେଶର ବର୍ତ୍ତମାନର ସମୟର ରାଜନୀତି ଉପରେ ଚର୍ଚ୍ଚା କରିବା ଆରମ୍ଭ କରିଦେଲେ। ସେମାନଙ୍କ ଭିତରୁ ଅନୁ କହିଲା କି କେମିତି ଆମ ଦେଶର କର୍ଣ୍ଣଧାରଙ୍କର ସ୍ତର କେମିତି ତଳକୁ ତଳକୁ ଖସିବାକୁ ଲାଗିଛି..ଦେଶ ବିଷୟରେ କେମିତି କେହି ଟିକିଏ ଭାବୁ ନାହାନ୍ତି। ସମସ୍ତେ କେମିତି ନିଜର ହିତ ସାଧନାରେ ବ୍ୟସ୍ତ। ନିଜକୁ ବହୁତ ଜାଗ୍ରତ ଭାବୁଥିବା ରମା କିଛି ନ ଭାବି ତୁରନ୍ତ କହିଲା, ବିଚରା ନେତା ଲୋକମାନେ ଆଉ କ'ଣ କରିବେ ? ସେମାନେ କ'ଣ ଘରୁ ଆଣିକରି ଦେବେ ? ପ୍ରକୃତରେ କଥା କ'ଣ ଜାଣିଛ ସାଙ୍ଗମାନେ, ଆଜିର ମଣିଷ ନିଜ ସ୍ୱାର୍ଥରେ ଅନ୍ଧ। ସେମାନେ କେବଳ ନିଜର ସୁଖ ସୁବିଧା ଦେଖନ୍ତି,ଅନ୍ୟମାନଙ୍କ ବିଷୟରେ ଆଦୌ ଭାବନ୍ତି ନାହିଁ। ରମାର ଏହି କଥା କଦକ ଶୁଣୁ ଶୁଣୁ ଅନୁ ସାଙ୍ଗେ ସାଙ୍ଗେ କହିଲା "ଠିକ୍ କଥା କହୁଛୁ ତୁ। ଦେଖୁନୁ ଏଇଟା ହେଉଛି ଏମିତିଆ କଥା ଯେମିତି ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ଝରକା ପାଖ ସିଟ୍‌ରେ ବସିବାକୁ ଚାହାନ୍ତି। ହେଲେ ଏଇ ଟିକିଏ କଥା ଭୁଲି ଯାଆନ୍ତି କି ବାହାର ସ୍ୱଚ୍ଛ ପବନ ଆଉ ପ୍ରକୃତିର ମନଲୋଭା ଦୃଶ୍ୟ ଆମକୁ ଯେମିତି ଭଲ ଲାଗେ,



ସେମିତି ଅନ୍ୟମାନଙ୍କୁ ମଧ୍ୟ ଭଲ ଲାଗିପାରେ। ଏହା ହେଉଛି ଆମର ମାନସିକ ସ୍ଥିତି ଯାହା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଲାଗୁ ହେଇଥାଏ"। ଏକଥା ଶୁଣି ରମା ସାଙ୍କୁଡି ଗଲା ଲାଜରେ ଆଉ ଚୁପ୍‌ଚାପ୍ ନିଜ ଜାଗାରୁ ଉଠି ଆସି ବସି ପଡିଲା ବସ୍‌ରେ। ହେଲେ ଏଥର ସେ ଝରକା ପାଖ ସିଟ୍‌କୁ ଛାଡି ଦେଇଥିଲା ନିଜ ସାଙ୍ଗ ଅନୁ ପାଇଁ..

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ପ୍ଲଟ), ଫୋନ୍-୭୯୭୮୮୩୦୬୧୧

# ସିନ୍ଦୂରର ଦୁଷ୍ଟାମୀ

ମୂଳ ହିନ୍ଦୀ : ରାମକୁମାର ଆତ୍ରେୟ
ଭାଷାନ୍ତର : ଯଶୋବନ୍ତ ସେଠୀ

ସେ ଆମ ଅଫିସରେ ନୂଆ ନୂଆ ଯୋଗଦେଇଥା'ନ୍ତି। ତାଙ୍କର ବ୍ୟକ୍ତିତ୍ୱ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ବିବାହ କରିଥିଲେ ମଧ୍ୟ ସେ ଅବିବାହିତ ପରି ଲାଗୁଥିଲେ। କାହିଁକି କେଜାଣି ସେ ମୋ'ସହିତ ଭଲ ମିଳାମିଶା କରୁଥିଲେ। ବୋଧହୁଏ ମୋର ବୟସ ପାଇଁ ସେ ମୋ'ସହିତ ମିଶିବାକୁ ନିରାପଦ ମଣୁଥିଲେ। ଅଫିସର ଅନ୍ୟମାନଙ୍କଠାରୁ ସେ ଟିକିଏ ଦୂରତା ଅବଲମ୍ବନ କରୁଥିଲେ। ଧୀରେ ଧୀରେ ଆମର ମିଳାମିଶା ସମୟରେ ସେ ମୋ' ପରିବାର ସମ୍ବନ୍ଧରେ ସବୁକିଛି ଜାଣିଗଲେ। କିନ୍ତୁ ନିଜ ବିଷୟରେ କିଛି କହୁନଥା'ନ୍ତି।

ଥରେ ମୁଁ ତାଙ୍କୁ ପଚାରିଦେଲି, 'ଆରତୀ ମାଡାମ୍, ଆପଣଙ୍କର ସ୍ୱାମୀ କଣ କରନ୍ତି ? ତାଙ୍କର ନାଁ କଣ ?'

ପ୍ରଥମେ ସେ ଖିଲିଖିଲି ହୋଇ ହସିଲେ। ପୁଣି କହିଲେ, 'ତାଙ୍କ ନାଁ ଅନାମ। କାମଧନ୍ଦା ମଧ୍ୟ କିଛି କରନ୍ତିନି।'

'କବିଟିଏ ହୋଇଥିବେ ବୋଧହୁଏ ! ସେଇଥିପାଇଁ ତାଙ୍କର ନାଁଟି ଅନାମ ରଖିଛନ୍ତି। ତେବେ କବିତା ଲେଖିବା ବ୍ୟତୀତ ଆଉକିଛି କରନ୍ତି କି ନାହିଁ ?' ମନରୁ ଖୋଲି କହିଦେଲି।

ମୋ'କଥା ଶୁଣି ସେ ପୁଣି ହସିଲେ। ମତେ ବଡ଼ ଖରାପ ଲାଗିଲା। ପଚାରିଦେଲି - 'ଏଥିରେ ହସିବାର କଣ ଅଛି ?'

ମୋ' ବିରକ୍ତିକୁ ସେ ବୁଝିଗଲେ। କହିଲେ-'ଖରାପ ଭାବନ୍ତୁନି ଆଜ୍ଞା। ମୋର ପତି ଥିଲେ ସିନା ତାଙ୍କର ନାମ ଓ କାମ କହିଥା'ନ୍ତି !'

ମତେ ଆକାଶରୁ ଖସିପଡିବା ଭଳି ଲାଗିଲା। ପୁଣି ପଚାରିଦେଲି - 'ତାହେଲେ ଆପଣଙ୍କ ମଥାରେ ଏ ସିନ୍ଦୂର... ?'

'କପାଳରେ ସିନ୍ଦୂର ଲଗାଇଦେଲେ ଝିଅଟିଏ ବାହା ହୋଇଯାଏନାହିଁ ସାର୍। ମୁଁ ଏପର୍ଯ୍ୟନ୍ତ ବିବାହ କରିନାହିଁ। ପ୍ରତିଦିନ ବସରେ ଯିବାଆସିବା କରେ।



ଟୋକାମାନେ କୁଆଁରୀ ଝିଅମାନଙ୍କୁ ଭଲରେ ଯିବାଆସିବା କରିବାକୁ ଦିଅନ୍ତିନି। ମୁଁ ଜାଣିଶୁଣି କପାଳରେ ସିନ୍ଦୂର ଲଗେଇ ଆସେ। ବଦମାସ ଟୋକାଏ ମତେ ବିବାହିତ ଭାବି ଆଉ ହଇରାଣ କରିବାକୁ ସାହସ କରିପାରନ୍ତିନି।'

ତାଙ୍କର ଓଠ ସହିତ ଆଖିଯୋଡିକରେ ମଧ୍ୟ ଦୁଷ୍ଟାମି ଖେଳିଯାଉଥିଲା।

୩ ଆର/୨ ମ୍ୟୁଜିୟମ ଅଞ୍ଚଳ
ବିଜେବି ନଗର, ଭୁବନେଶ୍ୱର
ମୋ-୯୪୩୭୩୪୩୪୫୭

# ବଡ଼ କଳାକାର

ସିଦ୍ଧେଶ୍ୱର ତ୍ରିପାଠୀ

ସତରେ ଜେନା ବାବୁ ଜଣେ କଳାକାର ଖାଲି କଳାକାର ନୁହଁ ଭଲ କଳାକାର ଖାଲି ଭଲ କାହିଁକି ? ବଡ଼ କଳାକାର।। ମାଆ ସରସ୍ୱତୀଙ୍କ ଆଶୀର୍ବାଦ ତାଙ୍କ ଉପରେ ଅଜାଡି ହୋଇପଡିଛି ଯେମିତି। ପିଲାଦିନେ ଗାଁ ଡ୍ରାମାରେ ଅଭିନୟ କରୁଥିଲେ। ତାପରଠୁ ଗ୍ରାଜୁଏସନ ପରେ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟ ତାପରେ ବମ୍ବେ (ମୁମ୍ବାଇ) ରେ କେତେ ପାଠ ପଢି ଓଡିଶା ଆସିଲେ। ବହୁ ଘାତ ପ୍ରତିଘାତ ଦେଇ ସେ ଓଡ଼ିଆ ଧାରାବାହିକ ଆଉ ଚଳଚ୍ଚିତ୍ରରେ ସୁଯୋଗ ପାଇଲେ। ପ୍ରଥମେ ଅଭିନେତା ତାପରେ ସହ ନିର୍ଦ୍ଦେଶକ ଆଉ ଶେଷରେ ସେ ନିର୍ଦ୍ଦେଶକ ବି ହେଲେ। ତାଙ୍କ ନିର୍ଦ୍ଦେଶିତ କେତେ କେତେ ସିନେମା ଆଜିବି ଓଡ଼ିଆ ଦର୍ଶକଙ୍କ ଛାତିରେ ଘର କରି ରହିଛି। ଏବେ ତ ଜେନା ବାବୁ କାହାଣୀ ଲେଖିଲେଣି ଗୀତ ଲେଖିଲେଣି ସଙ୍ଗୀତ ନିର୍ଦ୍ଦେଶନା ସହିତ ସିନେମାର ପ୍ରଯୋଜକବି ସାଜିଲେଣି। ଜେନା ବାବୁଙ୍କ ବୟସ ଏବେ ଷାଠିଏ ଡେଇଁଲାଣି। ଓଡ଼ିଆ ବ୍ୟତିତ ଅନ୍ୟ କେତୋଟି ଭାଷା ଭିତ୍ତିକ ସିନେମାରେ ସେ ମଧ୍ୟ କାମ କରିଛନ୍ତି। ଗାଁ ଚାଳ ଘର ଆଉ ପଖାଳରୁ ଆରମ୍ଭ ହୋଇଥିବା ଜେନା ବାବୁଙ୍କ ଜୀବନ ଆଜି ରାଜଧାନୀର ରାଜ ଉଆସ ଦିଚାରିଟା କାର ଚାକର ପୂଜାରୀ ନିଜର ପ୍ରଯୋଜନ କାର୍ଯ୍ୟାଳୟ ସହିତ କେତେ ସୁବିଧା ବ୍ୟବସ୍ଥାରେ ପହଞ୍ଚିଲାଣି। କେତେ ନୂଆ ନୂଆ କଳାକାର ନିଜର ଅଭିନୟ ଗୀତ ରଚନା କାହାଣୀ ରଚନା ସଙ୍ଗୀତ ସୃଷ୍ଟି କ୍ୟାମେରା ଚାଳନା କାର୍ଯ୍ୟର କଳାକୁ ବିକଶିତ କରିବା ପାଇଁ ସୁଯୋଗ ଆଶାରେ ଆସନ୍ତି। ହଁ ଜେନାବାବୁବି ତାଙ୍କର ଏଇ ତିରିଶ ବର୍ଷର କ୍ୟାରିଅର ଭିତରେ ଅନେକ ନୂଆ ମୁହଁକୁ ସୁଯୋଗ ଦେଇଛନ୍ତି। ଯେଉଁମାନଙ୍କ ଭିତରୁ ଅନେକ ଆଜି ଆଗ ଧାଡ଼ିର ନାୟକ ନାୟିକା ଓ ଅନ୍ୟ କ୍ଷେତ୍ରରେ ନିଜର ସୁନାମ ଅର୍ଜନ କରିପାରିଛନ୍ତି। ଜେନା ବାବୁ ତାଙ୍କର ଏତେସବୁ କୃତି ପାଇଁ ଅନେକ ସରକାରୀ ବେସରକାରୀ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ଘର ସାରା ମାନପତ୍ର ଭର୍ତ୍ତି। ଟିଭି ରେଡ଼ିଓ ଖବର କାଗଜରେ ତାଙ୍କର କେତେ ସାକ୍ଷାତକାର ପ୍ରଚାରିତ ପ୍ରକାଶିତ ହୋଇଛି। କେତେ ସଭା ସମିତିର ଲୋକେ ତାଙ୍କୁ ଅତିଥି ରୂପରେ ଦେଖିବାକୁ ଚାହାନ୍ତି। କାର୍ଯ୍ୟ ବ୍ୟସ୍ତତା ହେତୁ ଜେନା ବାବୁ ସବୁ ଜାଗାକୁ ଯାଇ ପାରନ୍ତି ନାହିଁ। ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ଜୀବନରେ ଦୁଃଖ ସୁଖ ଲାଗି ରହିଛି। ମଣିଷର ଭଲ ମନ୍ଦ ଗୁଣ ବି ରହିଛି। ଦୋଳି ଯେତିକି ଆଗକୁ ଯାଏ ସେତିକି ପଛକୁବି ଆସେ। ଜୀବନରେ ଫଗୁଣ ପରେ ନିଦାଘ ବି ଆସେ ଠିକ୍ ସେମିତି ଜେନା ବାବୁଙ୍କ ସୁଖ ସମ୍ମାନ ଜୀବନରେ ଶନି ଦଶା ପଡିଗଲା ବୋଧେ। ଆଗାମୀ ନୂଆ ସିନେମାରେ ଜଣେ ସୁନ୍ଦରୀ ତରୁଣୀଙ୍କୁ ନାୟିକା ହେବାର ସୁଯୋଗ ଦେବା ବଦଳରେ ସେ ଟିକିଏ ଦେହ ସୁଖ ଚାହୁଁଥିଲେ। ଦିନେ ସେ ଯୁବତୀଙ୍କୁ ଅଫିସକୁ ଡାକି ଅସଦାଚାରଣ କରୁଥିବା ଘଟଣା ଆଜି ଦାଣ୍ଡରେ ପଡି ହାଟରେ ଗଡ଼ ଗଡଉଛି। ଏଭଳି ବାର୍ତ୍ତାଳପର କଲ ରେକର୍ଡ଼ିଂଗ ଏବେ ପୁରା ଭାଇରାଲ। ଉକ୍ତ ଯୁବତୀଙ୍କ ଏତେଲା ପାଇଁ ଜେନା ବାବୁ ଏବେ ଗିରଫ ହୋଇ ହାଜତରେ। ଜାମିନ ନାମଞ୍ଜୁର ହେବାରୁ ସେ ଏବେ ବିଚାର ବିଭାଗୀୟ ଜେଲକୁ ଗଲେଣି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ଏବେ ତାଙ୍କର କେତେ କଳା କାରନାମା ପଦାକୁ ଆସିବାରେ ଲାଗିଛି। ପ୍ରତିଦିନ ଗଣମାଧ୍ୟମରେ ତାଙ୍କରି କଥା। ସାରା ଓଡିଶା ବାସି ତାଙ୍କର ଗୁଣ ଗାରିମା ଜାଣି ଗଲେଣି। ଜେନା ବାବୁଙ୍କ ନାଁ ରେ ଏବେ ଓଡ଼ିଶାର ପୃଥକ ପୃଥକ ଥାନାରେ ତିରିଶରୁ ଅଧିକ ଅଭିଯୋଗ ଏତେଲା। କାରଣ ଏଇଆ ଯେ ସେ ଆଗରୁ ଅନେକ ଝିଅଙ୍କୁ ଅସଦ ଆଚାରଣ କରିଛନ୍ତି। ଅନେକଙ୍କୁ ସିନେମା ଆଉ ଧାରାବାହିକରେ ସୁଯୋଗ ଦେବାକୁ କହି ମୋଟା ଅଙ୍କର ଟଙ୍କା ନେଇ ଠକିଛନ୍ତି। କାହାର ଜମି ବାଡ଼ି ନିଜ ନାଁ ରେ କରେଇ ନେଇଛନ୍ତି ଏମିତି କେତେ କଣ। କାହା ରଚିତ କାହାଣୀ ଗୀତକୁ ଆଣି ନିଜ ନାଁରେ ପ୍ରଚାରିତ କରିଛନ୍ତି। ଏତେ ବଡ଼ ଲୋକ ଏଯାଏଁ ସମସ୍ତେ ନୀରବ ଥିଲେ ଗୋଟିଏ ଅଭିଯୋଗ ପରେ ଜେନା ବାବୁ ଗିରଫ ହେବା ପରଠୁ ଅନେକ ଲୋକ ସାହସ ଜୁଟାଇ ତାଙ୍କ ବିରୁଦ୍ଧରେ ଏତେଲା ଦେଇଛନ୍ତି। ଏବେ ଚାରିଆଡେ ଲୋକ ଟୁପୁର ଟାପର ହେଉଛନ୍ତି ଟିଭି ରେଡ଼ିଓ ସବୁଥିରେ ବାଜୁଛି ଜେନା ବାବୁ ଲେଖିଥିବା ସବୁ କାହାଣୀ ଆଉ ଗୀତ ଗୁଡିକ କୁଆଡେ ଦକ୍ଷିଣ ଭାରତୀୟ ସିନେମାର ଅବିକଳ ନକଲ। ସେକଥା ଛାଡ଼ ହୋ ଗୀତର ସ୍ୱର ଗୁଡିକ ବି ତେଲୁଗୁ ତାମିଲ ଭାଷାର ସ୍ୱରରୁ ସଂଗୃହିତ। ଏତେ ବଡ଼ କଳାକାରକୁ ଲୋକେ ଏବେ ଛି ଛି କରୁଛନ୍ତି। ତାଙ୍କ କୁଶପୁତଳିକା ଦାହ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କର କଥା ଜଣେ ପଞ୍ଚାବନ ବର୍ଷର ମହିଳା ତାଙ୍କ ତେଇଶି ବର୍ଷର ପୁଅକୁ ଆଣି ଜେନା ବାବୁଙ୍କୁ ନିଜର ସ୍ୱାମୀ ଆଉ ନିଜକୁ ତାଙ୍କ ସ୍ତ୍ରୀ ବୋଲି ପରିଚୟ ଦେଇ ସ୍ୱୀକୃତି ଆଉ ଅଧିକାର ମାଗୁଛନ୍ତି। ଏପଟେ ଦୁନିଆ ଜାଣିଥିବା ଜେନା ବାବୁଙ୍କ ସ୍ତ୍ରୀ ଆଉ ତାଙ୍କ ଦୁଇଝିଅ ପୁରା ନୀରବ। ଏଇ ଦେଖୁନ କିଛିଦିନ ତଳେ ପଦ୍ମ ପୁରସ୍କାର ପାଇଁ ଲବି କରୁଥିବା ଜେନା ବାବୁ ଏବେ ଏ ଅପମାନ କାରାଗାର ରୂପକ ପଙ୍କରୁ ଉଧାର ପାଇବାକୁ ଉହଳ ବିକଳ ହଉଛନ୍ତି।।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
୭୦୦୮୩୧୫୦୪୦

# ପ୍ରାରବ୍ଧ

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଘରର ବଡ଼ ପୁଅ ପ୍ରବୀର। ତା' ତଳେ ଚାରି ଭାଇ ଗୋଟିଏ ଭଉଣୀ। ଚାଷୀବନ୍ଧି ପରିବାର। ଧାନ, ଚାଉଳ, ମୁଗ, ବିରି କାରବାର। ତେଲ,ଲୁଣ, ସଉଦା ପତ୍ର,ବେଭାର ବାଟ, ପିଲାଙ୍କ ପଢା ଖର୍ଚ୍ଚ ପାଇଁ ଆବଶ୍ୟକ ପଡୁଥିବା ନଗଦ ଅର୍ଥର ଅଭାବ। ବର୍ଷକୁ ଥରେ ଅମଳ ହେଉଥିବା ଧାନରୁ ବର୍ଷକ ଖାଇବା ପାଇଁ ଚାଉଳ କରି ରଖିବା ପରେ ବଳକା ଧାନ ବିକ୍ରି ହେଉ ଥାଏ। ସେଥିରେ ଯାବତୀୟ ଖର୍ଚ୍ଚ ଉଠାଇବାକୁ ପଡିଥାଏ। କେବେ କେବେ ବଢ଼ି ମରୁଡ଼ି କାରଣରୁ ଫସଲ ହାନି ହେଲେ ସେତକ ନିଅଣ୍ଟ ପଡେ। ଧାର ଉଧାର କରିବାକୁ ହୁଏ। ବାପା ବୋଉଙ୍କର ବଡ଼ ଭରସା, ବଡ ପୁଅ ପାଠ ପଢ଼ି ଚାକିରି କଲେ ଘରର ଆର୍ଥିକ ଅବସ୍ଥା ସୁଧୁରିବ। ସେ ସାନ ଭାଇ ଭଉଣୀ ମାନଙ୍କ ଦାୟିତ୍ୱ ବହନ କରିବ। ପ୍ରବୀରକୁ ବି ଜଣାଥିଲା ସେକାଳରେ ବଡ଼ ପୁଅମାନଙ୍କ ଉପରେ କେମିତି ସମସ୍ତଙ୍କର ନଜର ଲାଖି ରହି ଥାଏ। ତା'ର ଇଚ୍ଛା ଥାଉ କି ନଥାଉ ଛୋଟ ଭାଇ ଭଉଣୀମାନଙ୍କ ବୋଝ ତା ମୁଣ୍ଡରେ ଲଦି ଦିଆଯାଏ। ଏମ୍ ଏ ପାସ୍ କରିବାର କିଛିଦିନ ମଧ୍ୟରେ ପ୍ରବୀରକୁ ମିଳିଯାଇଥାଏ ଗୋଟିଏ ବେସରକାରୀ କଲେଜରେ ଅଧ୍ୟାପକ ଚାକିରି। ମାସକୁ ଦରମା ତିନିଶହ ଷାଠିଏ। ଠିକ୍ ଏତିକିବେଳେ ତା' ତଳ ସାନ ଭାଇ ସୁଧୀର ବି. କମ ପାସ୍ କରି ଚାଲି ଯାଇଥାଏ କଲିକତା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ। ସେ ନିଜେ ସିନା କିଛି ଅର୍ଥ ଘରୁ ନେବା ସହ ବାକି ଶିକ୍ଷା ଋଣ ନେଇ ଏମ୍ ଏ ପଢିଥିଲା, ସାନ ଭାଇର ସେପରି ସୁବିଧା ନଥିବାରୁ ତା' ପାଖକୁ ନିୟମିତ କିଛି ଅର୍ଥ ପଠାଇବାକୁ ପଡୁଥାଏ। ସେତେବେଳେ ସେ ଅବିବାହିତ ଥିବାରୁ ତା' ନିଜର ବିଶେଷ ଖର୍ଚ୍ଚ ନଥାଏ। କେବେ ହୋଟେଲ ତ କେବେ ମେସରେ ଖାଇ ଅଧା ଦରମା ସାନ ଭାଇ ପାଖକୁ ପଠାଇ ଦେଉଥାଏ। ଆଶା ଥାଏ ସାନ ଭାଇ କୃତକାର୍ଯ୍ୟ ହୋଇ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହୋଇଗଲେ ଭଲ ରୋଜଗାର କରିବା ସହ ଘରର ଆର୍ଥିକ ସ୍ଥିତି ମଜଭୁତ ହେବ। ପ୍ରବୀର ମଧ୍ୟ ନିଜର ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ କରିବା ପ୍ରଚେଷ୍ଟାରେ ଥାଏ। ଅନ୍ୟାନ୍ୟ ଚାକିରି ପାଇଁ ନିୟମିତ ଭାବେ ଆବେଦନ କରି ପରୀକ୍ଷା ଦେଉଥାଏ। ଅଧିକ ବେତନ ସହ ବ୍ୟାଙ୍କ୍ ଚାକିରି ଟିଏ ମିଳିଯିବା ମାତ୍ରେ ପ୍ରବୀର ତୁରନ୍ତ କଲେଜ ଅଧ୍ୟାପନା ଚାକିରିରୁ ଇସ୍ତଫା ଦେଇ ବ୍ୟାଙ୍କ୍ ଚାକିରିରେ ଭର୍ତ୍ତି ହୋଇଗଲା। କ୍ରମେ ସୁଧୀରର ଅର୍ଥର ଆବଶ୍ୟକତା ଆଉ କିଛିମାତ୍ରାରେ ବଢ଼ି ଯାଇଥାଏ। ଯେହେତୁ ବ୍ୟାଙ୍କରୁ ଅଧିକ ଦରମା ମିଳୁଥିଲା ପ୍ରବୀର ଅଧିକ କିଛି ଟଙ୍କା ଭାଇ ପାଖକୁ ପଠାଇ ଦେଉ ଥାଏ। ବ୍ୟାଙ୍କ୍ ଚାକିରି ସମୟରେ ମଧ୍ୟ ତା' ନିଜ ଖର୍ଚ୍ଚ ପୂର୍ବପରି ସୀମିତ ଥିଲା। ସେ ତା' ଭଳି ତିନି ଚାରି ଜଣ ଅବିବାହିତ ସହକର୍ମୀଙ୍କ ସହ ଗୋଟିଏ ମେସ୍‌ରେ ରହୁଥିଲା। ସେମାନେ ରହିବା ଖାଇବା ଖର୍ଚ୍ଚ ବାଣ୍ଟି କରି ବହନ କରୁଥିଲେ। ତେଣୁ ବେଶୀ ଖର୍ଚ୍ଚ ନଥିଲା। ଗୋଟିଏ ବର୍ଷ ପରେ ପୁଣି ଆଉ ଗୋଟିଏ ସାନ ଭାଇ ମେଟ୍ରିକ୍ ପାସ୍ କରି କଲେଜ ପଢିବାକୁ ବାହାରିଲା। ସେ ଭଲ ପଢୁ ନଥିଲା। ପାଠ ପଢାରେ ମନ ନଦେଇ ସାଙ୍ଗ ମେଳରେ ବୁଲୁଥିବାରୁ ବାପା କହିଲେ ତାକୁ ପାଖକୁ ନେଇ ଆସିବାକୁ। ପ୍ରବୀର ଚାକିରି କରୁଥିବା ସ୍ଥାନରେ ଦୁଇ ବର୍ଷ ଆଗରୁ ନୂଆ କରି କଲେଜ ଟିଏ ସ୍ଥାପିତ ହୋଇଥାଏ। ତେଣୁ ପ୍ରବୀରର ତୃତୀୟ ଭାଇ କବିର ତା' ପାଖକୁ ଆସିଗଲା। ସେ ବି ସେହି ମେସ୍‌ରେ ରହି କଲେଜରେ ପଢ଼ିଲା। ତା'ର କଲେଜ ଦରମା, ବହି ଖାତା, ମେସ୍ ଖର୍ଚ୍ଚ ଆଦି ପ୍ରବୀରକୁ ବହନ କରିବାକୁ ପଡୁଥାଏ। ଗୀତାର ଉପଦେଶ ଅକ୍ଷରେ ଅକ୍ଷରେ ପାଳନ କରିବା ପରି ପ୍ରବୀର



କୌଣସି ଫଳ ଆଶା ନକରି ସାନ ଭାଇମାନଙ୍କ ପ୍ରତି ତା' କର୍ତ୍ତବ୍ୟ କରି ଯାଉଥାଏ। କେବଳ ଏତିକି ଆଶା ଥାଏ ଯେ ସେମାନେ ନିଜ ଗୋଡରେ ଠିଆ ହେବାକୁ ସକ୍ଷମ ହୋଇଯିବେ। ଆତ୍ମନିର୍ଭରଶୀଳ ସ୍ୱାବଲମ୍ବୀ ହେବେ। ଘରର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ଯେହେତୁ ପ୍ରବୀର ସେଯାଏ ଅବିବାହିତ ଥିଲା ନିଜର ବ୍ୟକ୍ତିଗତ ଖର୍ଚ୍ଚ କମ୍ ହେବା ସହ ତା' ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଅନ୍ୟ କେହି ନଥିଲେ। ନିଜ ପ୍ରଚେଷ୍ଟାରେ ଆହୁରି ଉନ୍ନତି କରି ପ୍ରବୀର ଏକ ଉଚ୍ଚ ପଦରେ ଅଧିଷ୍ଠିତ ହେବାକୁ ଯାଉଥିଲା। ଯେ କୌଣସି ସମୟରେ ବ୍ୟାଙ୍କ ଚାକିରି ଛାଡି ଅନ୍ୟତ୍ର ଚାଲି ଯିବାର ସମ୍ଭାବନା ଥିଲା। ଅନ୍ୟ ଏକ ସରକାରୀ ଚାକିରିର ନିଯୁକ୍ତି ପତ୍ର ଆସିବା ବେଳକୁ ସ୍ଥିତି କିଛି ପରିବର୍ତ୍ତିତ ହୋଇ ଯାଇଥାଏ। ଘଟଣା କ୍ରମରେ ସୁଧୀର ଇଣ୍ଟର ଚାର୍ଟାର୍ଡ ପାସ କରି କିଛି ଷ୍ଟାଇପେଣ୍ଡ ପାଉଥାଏ। କବିର ଦୁଇବର୍ଷ ପଢ଼ି ଇଣ୍ଟରମିଡିଏଟ୍ ପରୀକ୍ଷା ଦେଇ ଗାଆଁକୁ ଚାଲି ଯାଇଥାଏ। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ ଥିଲା ଏ ମଧ୍ୟରେ ପ୍ରବୀର ବିବାହ ଗୋଟିଏ ସୁଶ୍ରୀ ସୁନ୍ଦରୀ କନ୍ୟା ସହ ହୋଇ ଯାଇଥାଏ। ପ୍ରବୀରକୁ ତା' ନୂଆ ଚାକିରିରେ ଯୋଗ ଦେବାକୁ ଦିଲ୍ଲୀ ଯିବାକୁ ପଡିଥିଲା। ସୁଧୀର ବି ତା'ର ଫାଇନାଲ ବର୍ଷ ପଢ଼ା ଏବଂ ଚାକିରି ପାଇଁ ଦିଲ୍ଲୀ ଆସିଯାଇଥିଲା। ଦୁଇ ଭାଇ ଏକ ସଙ୍ଗେ ରହିଲେ। ଆଉ ଗୋଟିଏ ବର୍ଷର ପାଠ ସାରି ସୁଧୀର ଓଡ଼ିଶା ଫେରି ଆସିଲା। ତା' ସାଙ୍ଗ ସହ ମିଶି ଗୋଟିଏ ଫାର୍ମ କରି କାର୍ଯ୍ୟ କରିବାର ଯୋଜନା କରିଥିଲା। ତା' ପରେ ଘଟିବାକୁ ଲାଗିଲା ଗୋଟିଏ ପରେ ଗୋଟିଏ ଅଘଟଣ। ନିଜ ପାଖରେ ରଖି ସୀମିତ ଆୟରୁ ଅର୍ଥ ବ୍ୟୟ କରି କବିରକୁ ପଢାଇବା ବୃଥା ଯାଇଥିଲା। ସେ ପରୀକ୍ଷାରେ ଫେଲ ହୋଇ ଗାଆଁ ରେ ବୁଲୁଥାଏ। ସୁଧୀର ଭୁବନେଶ୍ୱରରେ ରହି ମାତ୍ର କିଛିଦିନ କାର୍ଯ୍ୟ କରିବା ମଧ୍ୟରେ ଅସୁସ୍ଥ ହୋଇ ପଡ଼ିଲା। ପରୀକ୍ଷାରୁ ଜଣାଗଲା ସେ ବ୍ରେନ୍ ଟ୍ୟୁମର ଦ୍ୱାରା ଆକ୍ରାନ୍ତ। କିଛି ଖର୍ଚ୍ଚାନ୍ତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଅବସରରେ ତା'ର ଦେହାନ୍ତ ହୋଇଗଲା। ଏସବୁ ଘଟଣାକୁ ନେଇ ପ୍ରବୀର ଯେତିକି ଭାଙ୍ଗି ପଡୁଥିଲା ତା' ଠୁଁ ଅଧିକ ଚିନ୍ତା କରି ବିସ୍ମିତ ହେଉଥିଲା ଯେ କାହିଁକି ତାର ସତ୍ ଉପାୟରେ ଅର୍ଜିତ ଅର୍ଥ ଫଳପ୍ରଦ ହେଲାନାହିଁ। ସେ ଭାଇ ମାନଙ୍କ ଲାଗି ନିଃସ୍ୱାର୍ଥପର ଭାବରେ ବିନିଯୋଗ କରିଥିବା ଅର୍ଥର ଫଳ ନୈରାଶ୍ୟ ଜନକ ଥିଲା। ଅଧ୍ୟାପନା ମାଧ୍ୟମରେ ହେଉ କି ବ୍ୟାଙ୍କ ଚାକିରି କରି ହେଉ ସେ ତ ଗୋଟିଏ ବି ଟଙ୍କା ଅସତ୍ ଉପାୟରେ ଉପାର୍ଜନ କରି ନଥିଲା। ତଥାପି ସେ ଅର୍ଥ ଏପରି ନିଷ୍ଫଳ ଭାବେ ଅପଚୟ ହୋଇ ଗଲା କାହିଁକି। ଗୋଟିଏ ଭାଇ ଉପାର୍ଜନକ୍ଷମ ହେବା ଆଗରୁ ଇହଧାମ ତ୍ୟାଗ କଲା। ଅନ୍ୟ ଜଣେ ଅଧା ପାଠ ପଢି ବେକାର ବୁଲିଲା। ସେ ଭାବିବାକୁ ବାଧ ହେଉଥିଲା ଯେ ଏପରି ହେବା ଏ ଜନ୍ମର କର୍ମ ଫଳ ନୁହଁ କେଉଁ ପୂର୍ବ ଜନ୍ମର ପ୍ରାରବ୍ଧ।



ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ବିଶ୍ୱର ୧ ନମ୍ବର ଚେସ୍ ଖେଳାଳି ମାଗନସ୍ କାର୍ଲସନ୍‌ଙ୍କୁ ହରାଇଲେ ଆର. ପ୍ରଜ୍ଞାନନ୍ଦ

**ନୂଆଦିଲ୍ଲୀ**



ଭାରତୀୟ ଗ୍ରାଣ୍ଡମାଷ୍ଟର ରମେଶବାବୁ ପ୍ରଜ୍ଞାନନ୍ଦ ପ୍ରଥମଥର ପାଇଁ କ୍ଲାସିକାଲ୍ ଗେମ୍ସରେ ବିଶ୍ୱର ୧ ନମ୍ବର ମାଗନସ୍ କାର୍ଲସନ୍‌ଙ୍କୁ ପରାସ୍ତ କରିଛନ୍ତି । ପୂର୍ବରୁ ରାପିଡ୍ ଏବଂ ପ୍ରଦର୍ଶନୀ ମ୍ୟାଚ୍‌ରେ କାର୍ଲସନ୍‌ଙ୍କୁ ଅନେକ ଥର ପରାସ୍ତ କରିଥିବା ୧୮ ବର୍ଷୀୟ ଭାରତୀୟ ତିନି ରାଉଣ୍ଡ ପରେ ୫.୫ ପଏଣ୍ଟ ସହ ଅଗ୍ରଣୀ ରହିଥିଲେ । ପ୍ରଜ୍ଞାନନ୍ଦଙ୍କ ବିଜୟ ଘରୋଇ ଫେବରାଇଟ୍ କାର୍ଲସନ୍‌ଙ୍କୁ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନକୁ ଠେଲି ଦେଇଛି ।

କ୍ଲାସିକାଲ୍ ଚେସ୍ ଖେଳାଳିମାନଙ୍କୁ ସେମାନଙ୍କ ଗୋଟି ଚଲାଇବା ପାଇଁ ଯଥେଷ୍ଟ ସମୟ ଦେଇଥାଏ, ସାଧାରଣତଃ ଅତି କମ୍‌ରେ ଏକ ଘଣ୍ଟା ଏହି ଫର୍ମାଟ୍‌ରେ ଉଭୟଙ୍କ ମଧ୍ୟରେ ଗତ ତିନି ମ୍ୟାଚ୍ ଡ୍ର’ ସହିତ ଶେଷ ହୋଇଥିଲା । ଅନ୍ୟପଟେ ସମାନ ଫର୍ମାଟ୍ ମହିଳା ବର୍ଗରେ ପ୍ରଜ୍ଞାନନ୍ଦଙ୍କ ଭଉଣୀ ଆର. ବୈଶାଳୀ ପ୍ରଥମ ସ୍ଥାନରେ ରହିଛନ୍ତି ।

ଅନ୍ୟ ମ୍ୟାଚ୍‌ରେ, ବିଶ୍ୱ ନମ୍ବର ଦୁଇ ଆମେରିକାର ଫାବିଆନୋ କାରୁଆନା ବିଶ୍ୱ ଚାମ୍ପିଅନ ଚାଇନାର ଡିଙ୍ଗ ଲିରେନଙ୍କୁ ପରାସ୍ତ କରିଥିଲେ । ସେହିପରି ଆମେରିକୀୟ ହିକାରୁ ନାକାମୁରା ଫ୍ରାନ୍ସର ଆଲିରେଜା ଫିରୋଜଜାଙ୍କ ବିପକ୍ଷରେ ବିଜୟୀ ହୋଇ ପଏଣ୍ଟ ଟେବୁଲ୍‌ରେ ତୃତୀୟ ସ୍ଥାନରେ ରହିଛନ୍ତି । ଚତୁର୍ଥ ରାଉଣ୍ଡରେ ନାକାମୁରା ପ୍ରଜ୍ଞାନନ୍ଦଙ୍କ ବିପକ୍ଷରେ ଖେଳିବେ ।

# କିଏ ହେବେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍? ଚର୍ଚ୍ଚାରେ ଗାଙ୍ଗୁଲିଙ୍କ ପୋଷ୍ଟ

**ନୂଆଦିଲ୍ଲୀ**

ଭାରତୀୟ ସିନିୟର କ୍ରିକେଟ ଟିମ୍‌ର ମୁଖ୍ୟ କୋଚ କିଏ ହେବେ? ଉପଯୁକ୍ତ ବ୍ୟକ୍ତିଙ୍କୁ ବିସିସିଆଇ ଖୋଜିବା ଜାରି ରଖିଛି । ବର୍ତ୍ତମାନ କୋଚ୍ ଭାବେ କାମ କରୁଥିବା ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଟି-୨୦ ବିଶ୍ୱକପ ପରେ ଶେଷ ହୋଇଯିବ ।

ଏପରି ସ୍ଥିତିରେ ବିସିସିଆଇ ଅନେକ ବରିଷ୍ଠ ଖେଳାଳିଙ୍କ ସହ ମୁଖ୍ୟ କୋଚ୍ ପଦ ସମ୍ଭାଳିବାକୁ ନେଇ ଆଲୋଚନା କରିଛି । ବିଦେଶୀ ଅପେକ୍ଷା ବିସିସିଆଇ ଜଣେ ଭାରତୀୟଙ୍କୁ କୋଚ୍ କରିବା ମୁଡ୍‌ରେ ରହିଛି । ଏଥିପାଇଁ ଗୌତମ ଗମ୍ଭୀର ଓ ଆଶିଷ ନେହେରାଙ୍କ ଭଳି ପୂର୍ବତନ ଖେଳାଳିଙ୍କ ନାଁ ସବୁଠାରୁ ଆଗରେ ରହିଛି ।

ଏସବୁ ଭିତରେ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଗୋଟିଏ ପୋଷ୍ଟ କରିଛନ୍ତି । ସେ କରିଥିବା ପୋଷ୍ଟରେ କିଛି ବି ସ୍ପଷ୍ଟ ଭାବେ ଲେଖି ନାହାନ୍ତି କିନ୍ତୁ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ



ହୋଇଯାଇଛି । ସେ ତାଙ୍କ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି ଯେ ଜଣଙ୍କ ଜୀବନରେ କୋଚ୍‌ଙ୍କ ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ । କୋଚଙ୍କ ମାର୍ଗଦର୍ଶନ ଓ କଠୋର ଟ୍ରେନିଂ ଯେକୌଣସି ବ୍ୟକ୍ତିଙ୍କ ଭବିଷ୍ୟତକୁ ସୁନ୍ଦର କରିଥାଏ । ଉଭୟ ପଡ଼ିଆ ଭିତରେ ଓ ବାହାରେ ଏହା ସହାୟକ ହୋଇଥାଏ । ତେଣୁ କୋଚ୍ ଓ ଇନିଷ୍ଟିଚ୍ୟୁସନ ଚତୁରାତର ସହ ଚୟନ କରନ୍ତୁ ।

ଗାଙ୍ଗୁଲିଙ୍କ ଏପରି ପୋଷ୍ଟ ଗୌତମ ଗମ୍ଭୀରଙ୍କ ଉଦ୍ଦେଶ୍ୟରେ ଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । କାରଣ ଗମ୍ଭୀରଙ୍କ ମାର୍ଗଦର୍ଶନରେ କୋଲକାତା ତୃତୀୟ ଥର ପାଇଁ ୨୦୨୪ ଆଇପିଏଲ ଟ୍ରଫି ଜିତିଛି । ସେ କେକେଆରକୁ ବେଶ୍ ସକାରାତ୍ମକ ଭାବେ ଆଗକୁ ନେଇଥିବାରୁ ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ଭୂମିକା ମଧ୍ୟ ଠିକ୍ ଭାବେ ତୁଲାଇ ପାରିବେ ବୋଲି ଅନେକ ମତ ରଖିଛନ୍ତି ।

ହେଲେ ଗାଙ୍ଗୁଲି ସମ୍ଭବତଃ ଏହାକୁ ବିରୋଧ କରି ଏପରି ପୋଷ୍ଟ କରିଛନ୍ତି । କାରଣ କେକେଆର ଟ୍ରଫି ଜିତିବା ପରେ ମଧ୍ୟ ଗାଙ୍ଗୁଲି ଶୁଭେଚ୍ଛା ଜଣାଇ ନଥିଲେ । ଗାଙ୍ଗୁଲି ଏକଦା କୋଲକାତାର ନେତୃତ୍ୱ ନେଉଥିଲେ । ଗାଙ୍ଗୁଲି ମଧ୍ୟ ପଶ୍ଚିମବଙ୍ଗର ଏପରି ସ୍ଥିତିରେ ସେ ନିଜ ହୋମ୍ ଟିମ୍‌କୁ ଶୁଭେଚ୍ଛା ନ ଜଣାଇବା ସମସ୍ତଙ୍କୁ ଚକିତ କରିଛି ।

ମେ’ ୨୭ ତାରିଖ ମୁଖ୍ୟ କୋଚ୍ ପାଇଁ ଆବେଦନର ଶେଷ ତାରିଖ ଥିଲା । କିନ୍ତୁ ବିସିସିଆଇ ଦ୍ରାବିଡଙ୍କ ଉତ୍ତରାଧିକାରୀ ବାଛିବାକୁ ଆଦୌ ତରବର ହେଉ ନାହିଁ । ଭାରତୀୟ ଟିମ୍ ଏବେ ଟି-୨୦ ବିଶ୍ୱକପ ଉପରେ ଫୋକସ କରୁଛି । ଯଦି ବିଶ୍ୱକପ ପରେ ବି ମୁଖ୍ୟ କୋଚ୍ ଚୟନ ନ ହୁଅନ୍ତି, ତା’ହେଲେ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଓ ଏହାର କୋଚ୍‌ମାନେ ଭାରତୀୟ ଟିମ୍ ସହ ବିଭିନ୍ନ ଦ୍ୱିପାକ୍ଷିକ ସିରିଜ୍‌କୁ ଯିବେ ।

# ଟି-୨୦ ବିଶ୍ୱକପ୍-୨୦୨୪ କାର୍ଯ୍ୟସୂଚୀ

ଆମେରିକା ସହିତ କାନାଡ଼ା : ଜୁନ୍ ୨ (ରବିବାର), ସକାଳ ୬ଟା
ୱେଷ୍ଟଇଣ୍ଡିଜ୍ ସହିତ ପପୁ ନ୍ୟୁଗିନି : ଜୁନ୍ ୨ (ରବିବାର), ସନ୍ଧ୍ୟା ୮ଟା
ନାମିବିଆ ସହିତ ଓମାନ : ଜୁନ୍ ୩ (ସୋମବାର), ସକାଳ ୬ଟା
ଶ୍ରୀଲଙ୍କା ସହିତ ସାଉଥ ଆଫ୍ରିକା : ଜୁନ୍ ୩ (ସୋମବାର), ସନ୍ଧ୍ୟା ୮ଟା
ଆଫଗାନିସ୍ତାନ ସହିତ ଉଗାଣ୍ଡା : ଜୁନ୍ ୪ (ମଙ୍ଗଳବାର), ସକାଳ ୬ଟା
ଇଂଲଣ୍ଡ ସହିତ ସ୍କଟଲାଣ୍ଡ : ଜୁନ୍ ୪ (ମଙ୍ଗଳବାର), ସନ୍ଧ୍ୟା ୮ଟା
ନେଦର୍ଲାଣ୍ଡସ୍ ସହିତ ନେପାଳ : ଜୁନ୍ ୪ (ମଙ୍ଗଳବାର), ରାତି ୯ଟା
ଇଣ୍ଡିଆ ସହିତ ଆୟର୍ଲାଣ୍ଡ : ଜୁନ୍ ୫ (ବୁଧବାର), ସନ୍ଧ୍ୟା ୮ଟା
ପପୁ ନ୍ୟୁଗିନି ସହିତ ଉଗାଣ୍ଡା : ଜୁନ୍ ୬ (ଗୁରୁବାର), ସକାଳ ୫ଟା
ଅଷ୍ଟ୍ରେଲିଆ ସହିତ ଓମାନ୍ : ଜୁନ୍ ୬ (ଗୁରୁବାର), ସକାଳ ୬ଟା
ୟୁଏସ୍ଏ ସହିତ ପାକିସ୍ତାନ : ଜୁନ୍ ୬ (ଗୁରୁବାର), ରାତି ୯ଟା
ନାମିବିଆ ସହିତ ସ୍କଟଲାଣ୍ଡ : ଜୁନ୍ ୭ (ଶୁକ୍ରବାର), ଦିବା ୧୨.୩୦
କାନାଡ଼ା ସହିତ ଆୟର୍ଲାଣ୍ଡ : ଜୁନ୍ ୭ (ଶୁକ୍ରବାର), ସନ୍ଧ୍ୟା ୮ଟା
ନ୍ୟୁଜିଲାଣ୍ଡ ସହିତ ଆଫଗାନିସ୍ତାନ : ଜୁନ୍ ୮ (ଶନିବାର), ସକାଳ ୫ଟା
ଶ୍ରୀଲଙ୍କା ସହିତ ବାଂଲାଦେଶ : ଜୁନ୍ ୮ (ଶନିବାର), ସକାଳ ୬ଟା
ନେଦରଲାଣ୍ଡସ୍ ସହିତ ସାଉଥ୍‌ଆଫ୍ରିକା : ଜୁନ୍ ୮ (ଶନିବାର), ସକାଳ ୮ଟା
ଅଷ୍ଟ୍ରେଲିଆ ସହିତ ଇଂଲଣ୍ଡ : ଜୁନ୍ ୮ (ଶନିବାର), ରାତି ୧୦ଟା୩୦
ୱେଷ୍ଟଇଣ୍ଡିଜ୍ ସହିତ ଉଗାଣ୍ଡା : ଜୁନ୍ ୯ (ରବିବାର), ସକାଳ ୬ଟା
ଇଣ୍ଡିଆ ସହିତ ପାକିସ୍ତାନ : ଜୁନ୍ ୯ (ରବିବାର), ସନ୍ଧ୍ୟା ୮ଟା
ଓମାନ୍ ସହିତ ସ୍କଟଲାଣ୍ଡ : ଜୁନ୍ ୯ (ରବିବାର), ରାତି ୧୦ଟା୩୦
ସାଉଥଆଫ୍ରିକା ସହିତ ବାଂଲାଦେଶ : ଜୁନ୍ ୧୦ (ସୋମବାର), ସନ୍ଧ୍ୟା ୮ଟା
ପାକିସ୍ତାନ ସହିତ କାନାଡ଼ା : ଜୁନ୍ ୧୧ (ମଙ୍ଗଳବାର), ସନ୍ଧ୍ୟା ୮ଟା
ଶ୍ରୀଲଙ୍କା ସହିତ ନେପାଳ : ଜୁନ୍ ୧୨ (ବୁଧବାର), ସକାଳ ୫ଟା
ଅଷ୍ଟ୍ରେଲିଆ ସହିତ ନାମିବିଆ : ଜୁନ୍ ୧୨ (ବୁଧବାର), ସକାଳ ୬ଟା
ଆମେରିକା ସହିତ ଭାରତ : ଜୁନ୍ ୧୨ (ବୁଧବାର), ସନ୍ଧ୍ୟା ୮ଟା
ୱେଷ୍ଟଇଣ୍ଡିଜ୍ ସହିତ ନ୍ୟୁଜିଲାଣ୍ଡ : ଜୁନ୍ ୧୩ (ଗୁରୁବାର), ସକାଳ ୬ଟା
ବାଂଲାଦେଶ ସହିତ ନେଦରଲାଣ୍ଡସ୍ : ଜୁନ୍ ୧୩ (ଗୁରୁବାର), ସନ୍ଧ୍ୟା ୮ଟା
ଇଂଲଣ୍ଡ ସହିତ ଓମାନ : ଜୁନ୍ ୧୪ (ଶୁକ୍ରବାର), ଦିନ ୧୨ଟା ୩୦
ଆଫଗାନିସ୍ତାନ ସହିତ ପୁପୁଆ ନ୍ୟୁଗିନି : ଜୁନ୍ ୧୪ (ଶୁକ୍ରବାର), ସକାଳ ୬ଟା
ଆମେରିକା ସହିତ ଆୟର୍ଲାଣ୍ଡ : ଜୁନ୍ ୧୪ (ଶୁକ୍ରବାର), ସନ୍ଧ୍ୟା ୮ଟା
ସାଉଥ ଆଫ୍ରିକା ସହିତ ନେପାଳ : ଜୁନ୍ ୧୫ (ଶନିବାର), ସକାଳ ୫ଟା
ନ୍ୟୁଜିଲାଣ୍ଡ ସହିତ ଉଗାଣ୍ଡା : ଜୁନ୍ ୧୫ (ଶନିବାର), ସକାଳ ୬ଟା
ଭାରତ ସହିତ କାନାଡ଼ା : ଜୁନ୍ ୧୫ (ଶନିବାର), ସନ୍ଧ୍ୟା ୮ଟା
ନାମିବିଆ ସହିତ ଇଂଲଣ୍ଡ : ଜୁନ୍ ୧୫ (ଶନିବାର), ରାତି ୧୦ଟା୩୦
ଅଷ୍ଟ୍ରେଲିଆ ସହିତ ସ୍କଟଲାଣ୍ଡ : ଜୁନ୍ ୧୬ (ରବିବାର), ସକାଳ ୬ଟା
ପାକିସ୍ତାନ ସହିତ ଆୟର୍ଲାଣ୍ଡ : ଜୁନ୍ ୧୬ (ରବିବାର), ସନ୍ଧ୍ୟା ୮ଟା
ବାଂଲାଦେଶ ସହିତ ନେପାଳ : ଜୁନ୍ ୧୭ (ସୋମବାର), ସକାଳ ୫ଟା
ଶ୍ରୀଲଙ୍କା ସହିତ ନେଦରଲାଣ୍ଡସ୍ : ଜୁନ୍ ୧୭ (ସୋମବାର), ସକାଳ ୬ଟା
ନ୍ୟୁଜିଲାଣ୍ଡ ସହିତ ପପୁଆ ନ୍ୟୁଗିନି : ଜୁନ୍ ୧୭ (ସୋମବାର), ସନ୍ଧ୍ୟା ୮ଟା
ୱେଷ୍ଟଇଣ୍ଡିଜ୍ ସହିତ ଆଫାଗାନିସ୍ତାନ : ଜୁନ୍ ୧୮ (ମଙ୍ଗଳବାର), ସକାଳ ୬ଟା



# ଭାରତ-ପାକିସ୍ତାନ ଟି-୨୦ ବିଶ୍ୱକପ ମ୍ୟାଚକୁ ଆତଙ୍କବାଦୀ ଧମକ : ପ୍ରତିକ୍ରିୟା ରଖିଲା ଆଇସିସି

**ନୂଆଦିଲ୍ଲୀ**

ଆଉ କିଛି ଦିନ ପରେ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ । ଏଥର ଆମେରିକା ଓ ୱେଷ୍ଟଇଣ୍ଡିଜ ମିଳିତ ଭାବେ ବିଶ୍ୱକପ ଆୟୋଜନ କରୁଛନ୍ତି । ଜୁନ ୩ରେ ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ଜୁନ ୯ରେ ଦୁଇ ଚିର-ପ୍ରତିଦ୍ୱନ୍ଦ୍ୱୀ ଭାରତ-ପାକିସ୍ତାନ ମଧ୍ୟରେ ରହିଛି ମୁକାବିଲା । ଏହି ମ୍ୟାଚ୍ ଦିନ ଆତଙ୍କବାଦୀ ଆକ୍ରମଣ ନେଇ ଧମକ ମିଳିବା ପରେ ଆଇସିସି ଓ ଆୟୋଜକ ପ୍ରତିକ୍ରିୟା ରଖିଛନ୍ତି ।




ରିପୋର୍ଟ ଅନୁସାରେ, ଷ୍ଟାଡିୟମକୁ ଆତଙ୍କବାଦୀ ଧମକକୁ ନେଇ ଆଇସିସି ମୁଖପାତ୍ର କହିଛନ୍ତି, ଆମେ ଏ ବାବଦରେ ଅବଗତ ଅଛୁ । ଇଭେଣ୍ଟରେ ପ୍ରତିଟି ବ୍ୟକ୍ତିଙ୍କ ସୁରକ୍ଷା ଓ ନିରାପତ୍ତା ଆମର ପ୍ରଥମ ପ୍ରାଥମିକତା । ଏଥିପାଇଁ ଆମେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛୁ । ଆୟୋଜକ ଦେଶର କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ । କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ଆମେ ସଜାଗ ରହିଛୁ ।

ନ୍ୟୁଜ ରିପୋର୍ଟ ଅନୁସାରେ, ଭାରତ-ପାକିସ୍ତାନ ମ୍ୟାଚ୍ ଦିନ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଫ୍ୟାନ୍ସଙ୍କୁ ଷ୍ଟାଡିୟମ ପ୍ରବେଶ ସମୟରେ ମେଟାଲ ଡିଟେକ୍ଟରରେ ଯାଞ୍ଚ କରାଯିବ । ସେମାନଙ୍କୁ ବ୍ୟାଗ କିମ୍ବା ଡ୍ରୋନ ନେବାକୁ ବାରଣ କରାଯାଇଛି । ଷ୍ଟାଡିୟମ ବାହାରେ କେବଳ ଭିଆଇପି ଟିକେଟ କରିଥିବା ବ୍ୟକ୍ତି ପାର୍କିଂ କରିପାରିବେ, ଏଥିପାଇଁ ଅନ୍ୟମାନଙ୍କୁ ଅନୁମତି ଦିଆଯାଇ ନାହିଁ ।

ଏହାକୁ ନେଇ ନ୍ୟୁୟର୍କ ଗଭର୍ଣ୍ଣର କ୍ୟାଥି ହୋଚୁଲ କହିଛନ୍ତି, ଷ୍ଟାଡିୟମ ଏବଂ ଏହାର ଆଖପାଖ ଅଞ୍ଚଳରେ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଲୋକଙ୍କୁ ଏକ ମନିଟରିଂ ଏବଂ ପୁଙ୍ଖାନୁପୁଙ୍ଖ ସ୍କ୍ରିନିଂ ପ୍ରକ୍ରିୟା ଦେଇ ଯିବାକୁ ପଡିବ । ବର୍ତ୍ତମାନ ସମୟରେ କୌଣସି ସୁରକ୍ଷା ବିପଦ ନାହିଁ, କିନ୍ତୁ ଆମେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛୁ ।

ପ୍ରକାଶ ଥାଉକି, ଟି-୨୦ ବିଶ୍ୱକପର କିଛି ମ୍ୟାଚ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଖେଳାଯିବ । ଜୁନ ୩ରୁ ୧୨ ମଧ୍ୟରେ ସମ୍ପୂର୍ଣ୍ଣ ଆଠଟି ମ୍ୟାଚ୍ ଆମେରିକାର ନ୍ୟୁୟର୍କ ସହରରେ ଥିବା ଆଇଜେନହାୱାର ପାର୍କରେ ଖେଳାଯିବ । ଏହି ଷ୍ଟାଡିୟମରେ ଜୁନ ୯ରେ ଭାରତ-ପାକିସ୍ତାନ ମ୍ୟାଚ୍ ରହିଛି । ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ଆତଙ୍କବାଦୀ ଆକ୍ରମଣ ନେଇ ଭିଡିଓ ପୋଷ୍ଟ ଯୋଗେ ଧମକ ଦେଇଛି ଆଇଏସଆଇଏସ୍ ଆତଙ୍କବାଦୀ ସଂଗଠନ ।

# ୨୦୨୪-୨୫ ଭାରତୀୟ ମହିଳା ଲିଗ୍‌ରେ ନୀତା ଫୁଟ୍‌ବଲ ଏକାଡେମୀ ସାମିଲ



**ଭୁବନେଶ୍ୱର**

ଭାରତରେ ଅଗ୍ରଣୀ ମହିଳା ଫୁଟ୍‌ବଲ ଲିଗ୍ ଭାରତୀୟ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ୨୦୨୪-୨୫ ସଂସ୍କରଣରେ ଭାଗ ନେବା ପାଇଁ ଯୋଗ୍ୟତା ହାସଲ କରିଛି ନିତା ଫୁଟବଲ ଏକାଡେମୀ । ୨୦୨୪ ମଇ ୨୮ ତାରିଖରେ ଗୋଆର ମାପୁସାସ୍ଥିତ ଡୁଲେର ଷ୍ଟାଡ଼ିୟମରେ ଶେଷ ହୋଇଥିବା ଦେଶର ଦ୍ୱିତୀୟ ସ୍ତରୀୟ ମହିଳା ଫୁଟ୍‌ବଲ ଲିଗ୍ ଆଇଡବ୍ଲ୍ୟୁଏଲ୍-୨ର ଉଦ୍‌ଘାଟନୀ ସଂସ୍କରଣରେ ଉପବିଜେତା ହୋଇ ଏନ୍‌ଏଫ୍‌ଏ ଏହି ଗୌରବ ଅର୍ଜନ କରିଛି ।

ଉଭୟ ଏନ୍‌ଏଫ୍‌ଏ ଓ ଶ୍ରୀଭୂମି ଫୁଟବଲ କ୍ଲବ (କୋଲକାତା) ୬ଟି ଦଳ ଅଂଶଗ୍ରହଣ କରିଥିବା ଫାଇନାଲ ରାଉଣ୍ଡରେ ୧୦ ପଏଣ୍ଟ ଲେଖାଏଁ ହାସଲ କରି ଟାଇଟଲ ଦଖଲ କରିଥିଲେ । ଉଭୟ ଦଳ (ଏନଏଫ୍‌ଏ ଓ ଶ୍ରୀଭୂମି) ୮-୮ଗୋଲରେ ସମାନ ହୋଇଥିବାରୁ ଗୋଲ ବ୍ୟବଧାନ ମଧ୍ୟ ଅଚଳାବସ୍ଥା ଭାଙ୍ଗି ପାରିନଥିଲା । ତେବେ ଶ୍ରୀଭୂମି ଏଫସି ଚାମ୍ପିୟନ ହେବା ସହ ଆଇଡବ୍ଲ୍ୟୁଏଲ ୨୦୨୪-୨୫ ପାଇଁ ଯୋଗ୍ୟତା ଅର୍ଜନ କରିଛି । ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଶ୍ରୀଭୂମି ଏଫସିଠାରୁ ୧-୩ ଗୋଲରେ ପରାସ୍ତ ହୋଇ ଏନ୍‌ଏଫ୍‌ଏ ଅଭିଯାନ ଆରମ୍ଭ କରିଥିଲା । କିନ୍ତୁ ପୁନରୁଦ୍ଧାର ପାଇଥିବା ଓଡ଼ିଶା ଦଳ ଏନ୍‌ଏଫ୍‌ଏ ତା’ର ଶେଷ ୪ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ଗୋଟିଏ ଡ୍ର କରି ଟାଇଟଲ ଦୌଡ଼କୁ ଫେରିଛି ।

# ଟି-୨୦ ୱାର୍ଲ୍ଡ କପରେ ବୟସ୍କଙ୍କ ଦବ୍‌ଦବା, ୧୦ ଖେଳାଳିଙ୍କ ବୟସ ୩୦ ଉପରେ

**ନୂଆଦିଲ୍ଲୀ**

ୱେଷ୍ଟଇଣ୍ଡିଜ ଏବଂ ଆମେରିକା ଦ୍ୱାରା ଆୟୋଜିତ ହେବାକୁ ଥିବା ଟି-୨୦ ବିଶ୍ୱକପର ମହାକୁମ୍ଭ ଜୁନ୍ ୨ରୁ ଆରମ୍ଭ ହେବାକୁ ଯାଉଛି । ଏହି ଆଗାମୀ ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିବେ । କିନ୍ତୁ ଯଦି ଆମେ ଭାରତୀୟ ଦଳ ପ୍ରତି ଧ୍ୟାନ ଦେବୁ, ଏଥିରେ ବୟସ୍କ ଖେଳାଳିଙ୍କ ସଂଖ୍ୟା ବହୁତ ଅଧିକ । ସୂଚନାଯୋଗ୍ୟ, ୨୦୨୨ ବିଶ୍ୱକପ ପରେ, ଖବର ଆସିଲା ଯେ ବିସିସିଆଇ ଯୁବକମାନଙ୍କୁ ଟି-୨୦ ଫର୍ମାଟ ପାଇଁ ପ୍ରସ୍ତୁତ କରିବାକୁ ଚାହୁଁଛି । କିନ୍ତୁ ୨୦୨୪ ସୁଦ୍ଧା ବୋର୍ଡ ପୁଣି ଥରେ ଅଭିଜ୍ଞତା ସହିତ ଯିବାକୁ ନିଷ୍ପତ୍ତି ନେଇଛି । ୩୭ ବର୍ଷ ବୟସ୍କ ରୋହିତ ଶର୍ମା ଆସନ୍ତା ବିଶ୍ୱକପରେ ଦଳର ଅଧିନାୟକ ହେବେ । ସେମାନଙ୍କ ବ୍ୟତୀତ, ୧୫ସଦସ୍ୟ ବିଶିଷ୍ଟ ଦଳରେ ୧୦ ଖେଳାଳିଙ୍କ ବୟସ ୩୦ ବର୍ଷରୁ ଅଧିକ ।




କ୍ୟାପଟେନ ରୋହିତ ଶର୍ମା ୩୭ ବର୍ଷ ବୟସ ଅତିକ୍ରମ କରିଥିବାବେଳେ ବିରାଟ କୋହଲି ଭଲ ଫର୍ମରେ ଅଛନ୍ତି । କିନ୍ତୁ ସେ ମଧ୍ୟ ୩୫ବର୍ଷ ବୟସ ଅତିକ୍ରମ କରିଛନ୍ତି । ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଯୁଜବେନ୍ଦ୍ର ଚହଲଙ୍କ ସମେତ ଦଳର ୧୦ ଖେଳାଳିଙ୍କ ବୟସ ୩୦ କିମ୍ବା ତଦୁର୍ଦ୍ଧ୍ୱ ଏଥି ସହିତ ଦଳର କେବଳ ପାଞ୍ଚଜଣ ଖେଳାଳି ୩୦ ବର୍ଷରୁ କମ୍ ଯୁବ ତାଲିକାରେ କେବଳ ଋଷଭ ପନ୍ତ, ଅର୍ଶଦୀପ ସିଂ, ଯଶସ୍ୱୀ ଜୈସାଲ ଏବଂ ସଞ୍ଜୁ ସାମସନ ସାମିଲ ହୋଇପାରିବେ । ସମସ୍ତ ଚାରିଜଣ ରିଜର୍ଭ ଖେଳାଳିଙ୍କ ବୟସ ୩୦ ରୁ କମ, କିନ୍ତୁ ସେମାନେ କେବଳ ଏକ ସୁଯୋଗ ପାଇପାରିବେ । ଯଦି ୧୫ ସଦସ୍ୟ ଦଳରୁ କେହି ଟୁର୍ଣ୍ଣାମେଣ୍ଟରୁ ବାହାରକୁ ଯିବାକୁ ପଡ଼ିବ ।

ଭାରତୀୟ ଦଳ ବିଶ୍ୱକପରେ ନିଜର ଅଭିଯାନ ଆରମ୍ଭ କରିବ । ଜୁନ ୨ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରୁ ଗ୍ରୁପ୍ ଏରେ ଭାରତ ସ୍ଥାନିତ ହୋଇଛି, ଯାହା ଭାରତ-ଆୟର୍ଲାଣ୍ଡ ବ୍ୟତୀତ ପାକିସ୍ତାନ, କାନାଡା ଏବଂ ଆୟୋଜକ ଦେଶ ଆମେରିକା ମଧ୍ୟ ଅନ୍ତର୍ଭୁକ୍ତ କରିଛି । ଜୁନ ୯ରେ ଭାରତ ତାର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହିତ ମୁହାଁମୁହିଁ ହେବ ।

ରୋହିତ ଶର୍ମା (୩୭), ବିରାଟ କୋହଲି (୩୫), ଯଶସ୍ୱୀ ଜୈସାଲ (୨୨), ସୂର୍ଯ୍ୟକୁମାର ଯାଦବ (୩୩), ଋଷଭ ପନ୍ତ (୨୬), ସଞ୍ଜୁ ସାମସନ (୨୯), ହାର୍ଦ୍ଦିକ ପାଣ୍ଡ୍ୟା (୩୦), ଶିବମ ଦୁବେ (୩୦), ରବିନ୍ଦ୍ର ଜାଡେଜା (୩୫), ଅକ୍ଷର ପଟେଲ(୩୦), କୁଲଦୀପ ଯାଦପ(୨୯), ଯୁଜବେନ୍ଦ୍ର ଚହଲ(୩୩), ଅର୍ଶଦୀପ ସିଂ(୨୫), ମହମ୍ମଦ ସିରାଜ(୩୦), ଜଶପ୍ରୀତ ବୁମରା(୩୦) ।

# ନ୍ୟୁୟର୍କରେ ଭାରତୀୟ ଖେଳାଳିଙ୍କ ପ୍ରସ୍ତୁତି

**ନ୍ୟୁୟର୍କ**

ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଭାରତୀୟ କ୍ରିକେଟର୍‌ମାନେ ନ୍ୟୁୟର୍କରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି । କେବଳ ବିରାଟ କୋହଲିଙ୍କ ବ୍ୟତୀତ ଅନ୍ୟ ଖେଳାଳିମାନେ ନ୍ୟୁୟର୍କରେ ପହଞ୍ଚିଥିବା ବେଳେ ମଙ୍ଗଳବାରଠାରୁ ନିଜକୁ ପ୍ରସ୍ତୁତ କରିଛନ୍ତି । ଜୁନ୍ ପହିଲାରେ ଭାରତ ଏକମାତ୍ର ଅଭ୍ୟାସ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବାକୁ ଥିବାବେଳେ କୋହଲି ଏଥିରେ ଅଂଶଗ୍ରହଣ କରିବା ନେଇ ଦ୍ୱନ୍ଦ୍ୱ ରହିଛି । କୋହଲିଙ୍କ ଯାତ୍ରାସୂଚୀ ସମ୍ପର୍କରେ ବିସିସିଆଇ କିଛି ସ୍ପଷ୍ଟ କରିନାହିଁ । ଆଇପିଏଲରୁ ବିଦା ହେବା ପରେ ବିଭିନ୍ନ ଫ୍ରାଞ୍ଚାଇଜ୍‌ର ଭାରତୀୟ ଖେଳାଳି ଅଲଗା ଅଲଗା ପର୍ଯ୍ୟାୟରେ ନ୍ୟୁୟର୍କ ପହଞ୍ଚିଛନ୍ତି । ଖେଳାଳିଙ୍କୁ ମ୍ୟାଚ୍ ପ୍ରସ୍ତୁତ ପାଇଁ ଦଳର କଣ୍ଡିସନିଂ କୋଚ୍ ସୋହମ ଦେଶାଇ ସହଜ ରୁଟିନ ରଖିଥିବା ଘୋଷଣା କରିଛନ୍ତି ।

ଆମେ ଏପର୍ଯ୍ୟନ୍ତ କ୍ରିକେଟ୍ ଖେଳିନାହୁଁ, ଆଜି କେବଳ କିଛି କାର୍ଯ୍ୟକଳାପ କରିଛୁ ବୋଲି ଦେଶାଇ କହିଛନ୍ତି । ପାଗ ଭଲ ଅଛି, ଆଶା ସବୁକିଛି ଭଲ ହେବ ବୋଲି ଉତ୍ସାହର ସହ କହିଛନ୍ତି ଯଶପ୍ରୀତ ବୁମରା । ଆଇପିଏଲ ପରେ ସାମୟିକ ବିଶ୍ରାମ ନେଇ ଦଳ ସହ ଯୋଗ ଦେଇଥିବା ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ଏହି ନୂଆ ଇଲାକାରେ ଖେଳିବାକୁ ନେଇ ଉତ୍ସାହିତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି । ଅଭ୍ୟାସ ଶିବିରରେ ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମ୍‌ରା ନ୍ୟୁୟର୍କରେ ପ୍ରଥମ ଅନୁଭବ ପାଇଛନ୍ତି । ନ୍ୟୁୟର୍କରେ ପ୍ରଥମ ଥର କ୍ରିକେଟ୍ ଖେଳିବାର ସମୟ ଆସିଛି, ମଜା ଆସିଯିବ ବୋଲି ରବୀନ୍ଦ୍ର ଜାଡ଼େଜା କହିଛନ୍ତ ।

ଜୁନ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେଉଥିବା ବେଳେ ଭାରତର ଅଭିଯାନ ୫ ତାରିଖରୁ ହେବ । ଆୟର୍ଲାଣ୍ଡ ବିପକ୍ଷରେ ନିଜ ପ୍ରଥମ ମ୍ୟାଚ୍ ଖେଳିବା ପରେ ୯ ତାରିଖରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପାକିସ୍ତାନ ସହ ଖେଳାଯିବ । ୧୨ ତାରିଖରେ ଆମେରିକା ଓ ୧୫ ତାରିଖରେ କାନାଡ଼ା ବିପକ୍ଷରେ ନିଜ ଅବଶିଷ୍ଟ ଦୁଇ ଗ୍ରୁପ ଏ ମ୍ୟାଚ୍ ଖେଳିବ । ୨୦୧୩ ମସିହାର ଚାମ୍ପିଅନ୍ସ ଟ୍ରଫି ପରଠାରୁ ଭାରତ କେବେ ଆଉ ଆଇସିସି ମୁକୁଟ ଜିତିପାରି ନଥିବାରୁ ମରୁଡ଼ିର ଅନ୍ତଘଟାଇବା ଆଶା ରଖିଛି ରୋହିତ ଶର୍ମାଙ୍କ ସେନା ।

# ବିଷନପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀରେ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିଷନପୁର ପଞ୍ଚାୟତ ବିଷନପୁର ଗ୍ରାମରେ ବିଜେଡିର କର୍ମୀ ସମ୍ମିଳନୀ ପଞ୍ଚାୟତ ସଭାପତି ଦିଲ୍ଲୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ବ୍ଲକ୍ ଅଧ୍ୟକ୍ଷ ମନୋଜ ବେହେରା, ଜିଲ୍ଲାପରିଷଦ ରଂଜିତା ସିଂହ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ସୁନୀଲ ବେହେରା, ପଞ୍ଚାୟତ ପର୍ଯ୍ୟବେକ୍ଷକ ହାଜି ସେକ କଲ୍ଲୀମୁଲ୍ଲା, କୃଷ୍ଣାନନ୍ଦପୁର ସମିତିସଭ୍ୟ ସୁବାଷ ବେହେରା, ସରପଞ୍ଚଙ୍କ ପ୍ରତିନିଧି ଅଜୟ ଖଟୁଆ ପ୍ରମୁଖ ଯୋଗଦେଇଥିଲେ । ଏହି ସମ୍ମିଳନୀରେ ଶତାଧିକ ମହିଳା ଓ କର୍ମୀମାନେ ଉପସ୍ଥିତ ରହିଥିଲେ । ଉପସ୍ଥିତ କର୍ମକର୍ତ୍ତାମାନେ କହିଥିଲେ ଯେ ଆଗାମୀ ୧ ତାରିଖରେ ହେବାକୁ ଥିବା



ସାଧାରଣ ନିର୍ବାଚନରେ ଭୋଟ୍ ଯିବାବେଳେ ଗୋଟେ କଥା ମନେ ରଖିଥିବ ନବୀନ ପଟ୍ଟନାୟକ ହେଉଛନ୍ତି ଆମ ମୁଖ୍ୟମନ୍ତ୍ରୀ, ଆମ ଚିହ୍ନ ଶଙ୍ଖ ଚିହ୍ନ ସେହି ଚିହ୍ନରେ ଭୋଟ ଦେଇ ସାଂସଦ ପ୍ରାର୍ଥୀ ଡଃ. ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇଙ୍କୁ ଡବଲ ଶଙ୍ଖରେ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରି ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାପାଇଁ ଶପଥ ନେଇଥିଲେ । ଏଥିରେ ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ଦାସ, ଅବୁ କଲାମ, ସେକ ମନର ଅଲ୍ଲୀ, ସେକ ମେହବୁବୁ ଅଲ୍ଲୀ, ସେକ ଆୟୁବ ଅଲ୍ଲୀ, ଅରୁଣ କୁମାର ଦାଶ, ଆଲୋକ କୁମାର ଦାସ, ଟୁକୁନା ବାରିକ, ମିହିର କୁମାର ରାଉତରାୟ, ବିଚିତ୍ରନନ୍ଦ ପଟ୍ଟନାୟକ, ବାବୁଲି ନାୟକ, ରବୀନ୍ଦ୍ର ସେଠୀ, ଟୁକୁନା ମହାଳୀ, ଦୟାନିଧି ବାରିକଙ୍କ ପ୍ରମୁଖ ପରିଚାଳନା କରିଥିଲେ ।

# ସମ୍ ହସ୍ପିଟାଲ୍‌ରେ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ମଙ୍ଗଳବାର ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଆନ୍ତର୍ଜାତିକ କର୍ମଶାଳା ମଧ୍ୟ ଆୟୋଜନ କରାଯାଇଥିଲା । ଅନ୍‌ଲାଇନ୍‌ରେ ଦିନ ତମାମ ଚାଲିଥିବା ଏହି କର୍ମଶାଳାରେ ୧୨ରୁ ଅଧିକ ବିଶେଷଜ୍ଞଙ୍କ ସମେତ ବିଦେଶରେ ଦୁଇ ଜଣ ବିଶେଷଜ୍ଞ ମଧ୍ୟ ସାମିଲ ହୋଇଥିଲେ । ଏହି କର୍ମଶାଳାରେ ‘ଜର୍ନି ଅଫ୍ ଏମର୍ଜେନ୍ସି ମେଡିସିନ୍ ଇନ୍ ଇଣ୍ଡିଆ’, ‘ପେଡ଼ିଆଟ୍ରିକ୍ ଏମର୍ଜେନ୍ସି’, ‘ସର୍ଜିକାଲ୍ ଏମର୍ଜେନ୍ସି’, ‘ଅବ୍‌ଷ୍ଟେଟ୍ରିକ୍ ଏମର୍ଜେନ୍ସି’, ‘ମ୍ୟାନେଜମେଣ୍ଟ ଅଫ୍ ନ୍ୟୁରୋ-ଟ୍ରମା’, ‘ଆକ୍ୟୁଟ୍ କରୋନାରୀ ସିଣ୍ଡ୍ରୋମ୍’, ‘ପେନ୍ ମ୍ୟାନେଜମେଣ୍ଟ ଇନ୍ ଏମର୍ଜେନ୍ସି ସେଟ୍-ଅପ୍’ ଓ ‘ନର୍ସିଂ ପ୍ରାକ୍ଟିସେସ୍ ଇନ୍ ଏମର୍ଜେନ୍ସି’ ତଥା ଅନ୍ୟ



ପ୍ରସଙ୍ଗରେ ଆଲୋଚନା କରାଯାଇ ଥିଲା । ଏହି କର୍ମଶାଳାରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଜରୁରୀକାଳୀନ ଚିକିତ୍ସା ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଶୁକଦେବ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କର୍ମଶାଳାରେ ୟୁନାଇଟେଡ୍ କିଙ୍ଗଡମ୍‌ର ୟୁରୋପିଆନ୍ ୟୁନିୟନ୍ ଫର୍ ସୋସାଇଟି ଅଫ୍ ଏମର୍ଜେନ୍ସି ମେଡିସିନ୍‌ର ସଭାପତି ଡକ୍ଟର ଜିମ୍ କଲୋନି, ସ୍ପେନ୍‌ର ୟୁରୋପିଆନ୍ ୟୁନିୟନ୍ ଫର୍ ସୋସାଇଟି ଅଫ୍ ଏମର୍ଜେନ୍ସି ମେଡିସିନ୍‌ର ପ୍ରେସିଡ଼େଣ୍ଟ ଇଲେକ୍ଟ ଡକ୍ଟର ଲୁଇସ୍ ଗାର୍ସିଆ-କାଷ୍ଟ୍ରିଲୋ ରିଏସ୍‌ଗୋ, ଏମ୍‌ସ ନୂଆଦିଲ୍ଲୀର ଜେପିଏନ୍ ଆପେକ୍ସ ଟ୍ରମା ସେଣ୍ଟରର ପ୍ରଫେସର ଡାକ୍ତର ସଞ୍ଜିବ କୁମାର ଭୋଇ, କୋଲକାତା ସ୍ଥିତ ଏସ୍‌ଏସ୍‌କେଏମ୍ ହସ୍ପିଟାଲ୍‌ର ପିଜିଏମଇଆର୍‌ର ଏମର୍ଜେନ୍ସି ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମୈତ୍ରେୟୀ ମୁଖାର୍ଜୀ, ବେଙ୍ଗାଲୁରୁ ସ୍ଥିତ ନାରାୟଣ ହୃଦୟାଳୟର ହୃଦ୍‌ରୋଗ ବିଭାଗର ପ୍ରଫେସର (ଡାକ୍ତର) ମୁରଲୀଧର କାଞ୍ଚି, ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲ୍‌ର ସ୍ତ୍ରୀ ରୋଗ ବିଭାଗର ପ୍ରଫେସର (ଡାକ୍ତର) ଅମିତା ମାହେଶ୍ୱରୀ ଏବଂ ତେଲେଙ୍ଗାନାର ବିବି ନଗର ଏମ୍ସର କଲେଜ୍ ଅଫ୍ ନର୍ସିଂର ଡାକ୍ତର ଏ. ଶର୍ମା ଶୁବଥ୍ରା ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । କର୍ମଶାଳାରେ ୧୭୦ ଜଣ ପ୍ରତିନିଧି ସାମିଲ ହୋଇଥିବା ବେଳେ ଅନ୍ୟ ୨୮୦ ଜଣ ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେସନ୍ କରିଥିଲେ । ଏହି ଦିବସ ଅବସରରେ ସମ୍ ହସ୍ପିଟାଲ୍ ପକ୍ଷରୁ ମଙ୍ଗଳବାର ସକାଳେ ଏକ ୱାକାଥନର ମଧ୍ୟ ଆୟୋଜନ କରାଯାଇଥିଲା ।

# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଅମର ଜ୍ୟୋତି ଯୁବକ ସଂଘ,ଓଡ଼ିଶା ଓ ରେକିଟ ଇଣ୍ଡିଆର ମିଳିତ ସହଯୋଗରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଭୂଷଣ୍ଡପାଳ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରରେ ଅମର ଜ୍ୟୋତି ଯୁବକ ସଂଘ ଗଞ୍ଜାମ ଜିଲ୍ଲାର ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ସାମଲ କାର୍ଯ୍ୟକ୍ରମ ପରିଚାଳିତ କରିଥିଲେ । କିଶୋରୀ ବାଳିକା, ଅଙ୍ଗନୱାଡ଼ି କର୍ମଚାରୀ, ଆଶା, ଅଭିଭାବକଙ୍କ ମଧ୍ୟରେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ କିଶୋରୀ ବାଳିକା ମାନଙ୍କୁ ସଚେତନତା କରିବା ବ୍ୟବହାରିକ ଜ୍ଞାନ ବଢ଼ାଇ ତଥା ଏହାକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବା ପାଇଁ ପ୍ରେରଣା ପ୍ରଦାନ କରିବା ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।





# ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ କରୁଛି ବିଜେପି : କାର୍ତ୍ତିକ ପାଣ୍ଡିଆନ୍

**ଭୁବନେଶ୍ୱର,୩୦।୦୫: ନ୍ୟୁଜ୍‌ବ୍ୟୁରୋ**



ବିଜେପି ପ୍ରତି ପର୍ଯ୍ୟାୟରେ ଗୋଲ ପୋଷ୍ଟ ଚେଞ୍ଜ କରୁଛି। ଯେତେବେଳେ ନିଜେ ବିଜେପି ଉଠାଇଥିବା ପ୍ରସଙ୍ଗ ସବୁ ଫେଲ୍ ମାରିଲା, ଶେଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ କରିବା ଆରମ୍ଭ କରିଛନ୍ତି ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ପାଣ୍ଡିଆନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରିବା ବିଜେପି ପାଇଁ ବୁମେରାଂ ହେବ। ପାଣ୍ଡିଆନ କହିଛନ୍ତି ଯେ, ଓଡ଼ିଆ ଅସ୍ମିତା କଥା କହୁଥିବା ବିଜେପି ମହାପ୍ରଭୁଙ୍କ କାମରେ ବାଧା ଦେଇଥିଲା। ବିଜେପି ବାରମ୍ବାର ଗୋଲ୍ ପୋଷ୍ଟ ପରିବର୍ତ୍ତନ କରୁଛି। ପ୍ରଥମେ ଓଡ଼ିଆ ଅସ୍ମିତା କଥା ଉଠାଇଥିଲା ବିଜେପି। ସେମାନେ କ'ଣ କରିଛନ୍ତି ପ୍ରଶ୍ନ ହେବାରୁ ଗୋଲ ପୋଷ୍ଟ ଚେଞ୍ଜ କଲେ। ଅପପୁଷ୍ଟି, ଭିତ୍ତିଭୂମି, ଆଦି କ୍ଷେତ୍ରରେ ଓଡ଼ିଶା ଜାତୀୟ ହାର ଠାରୁ ପଛରେ ଅଛି ବୋଲି କହୁଥିଲେ। ସତ ସାମ୍ନାକୁ ଆସିବା ପରେ ସେମାନେ ଚୁପ୍ ରହିଲେ। କାରଣ ଗୁଜୁରାଟ ଏ କ୍ଷେତ୍ରରେ ବହୁ ପଛରେ ଥିବା ବେଳେ ଓଡ଼ିଶା ଜାତୀୟ ହାର ଠାରୁ ଭଲ ସ୍ଥିତିରେ ଅଛି। ୪୦ ବର୍ଷ ହେବ ରତ୍ନ ଭଣ୍ଡାର ଖୋଲାଯାଇନାହିଁ। ବିଜେପି ତାହାକୁ ପ୍ରସଙ୍ଗ କରିଥିଲା। ମୁଖ୍ୟମନ୍ତ୍ରୀ ତାହାକୁ ଲୁଚାଇବାର କୌଣସି କାରଣ ନାହିଁ। ହାଇକୋର୍ଟର ନିର୍ଦ୍ଦେଶରେ ସୁପ୍ରିମକୋର୍ଟର ଜଣେ ଅବସର ପ୍ରାପ୍ତ ବିଚାରପତିଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସତ ସାମ୍ନାକୁ ଆସିବା ପରେ ବିଜେପିର ମୁଣ୍ଡ ଗୋଲ ହୋଇଗଲା। ଏହା ବିଜେପି ନିଜର ଷ୍ଟ୍ରାଟେଜି ପରିବର୍ତ୍ତନ କଲା। ସବୁ ରାଜ୍ୟରେ ବ୍ୟକ୍ତିଗତ ଆକ୍ଷେପ କରେ ବିଜେପି। ବ୍ୟକ୍ତିଗତ ସ୍ତରରେ ଆକ୍ଷେପ କରିବା ବିଜେପିର ଷ୍ଟାଣ୍ଡାର୍ଡ ଫର୍ମୁଲା। ଓଡ଼ିଶାବାସୀ କେବେ ବି ମୁଖ୍ୟମନ୍ତ୍ରୀଙ୍କ ଅସମ୍ମାନକୁ ଗ୍ରହଣ କରିବେ ନାହିଁ। ଓଡ଼ିଶାବାସୀ କେବେ ଆମ ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅସମ୍ମାନ ହେବା ଭଳି କଥାକୁ ପସନ୍ଦ କରିବେନାହିଁ। ଓଡ଼ିଶାବାସୀ ଶାନ୍ତି ପ୍ରିୟ ଲୋକ ଚୁପ୍ ରହିବେ, ଭୋଟ୍‌ରେ ଦେଖାଇବେ ବୋଲି ପାଣ୍ଡିଆନ କହିଛନ୍ତି।

ଏଥି ସହିତ ମହାନଦୀ ପ୍ରସଙ୍ଗରେ ଏକପାଖିଆ ନିଷ୍ପତ୍ତି ନେଇଥିବା କେନ୍ଦ୍ର ସରକାର ଓ ରାଜ୍ୟର କେନ୍ଦ୍ରମନ୍ତ୍ରୀ କିପରି ଛତିଶଗଡ଼ ସାଙ୍ଗରେ ହାତ ମିଶାଇ ଓଡ଼ିଶା ବିରୋଧରେ କାମ କଲେ। ଏହାକୁ ଓଡ଼ିଶାବାସୀ କେବେ ଭୁଲି ପାରିବେନି। ମହାପ୍ରଭୁ, ମହାନଦୀ, ମହାନ୍ ଜନ ନାୟକ ବିଜୁ ପଟ୍ଟନାୟକ ଓଡ଼ିଶାର ପରିଚୟ। ବିଜୁବାବୁଙ୍କ ପରି ଜଣେ ମହାନ୍ ନେତାଙ୍କୁ ଭାରତ ରତ୍ନ ନଦେବା ଦୁଃଖର କଥା। ଏହା ଓଡ଼ିଶାବାସୀଙ୍କୁ କଷ୍ଟ ଦେଇଛି। ଓଡ଼ିଶାର କ'ଣ ଜଣେ ବି ନାହାଁନ୍ତି ଭାରତରତ୍ନ ପାଇବାକୁ ଯୋଗ୍ୟ ବୋଲି କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ। ନବୀନ ପଟ୍ଟନାୟକ ଓଡ଼ିଶା ଓ ଭାରତର ଲୋକପ୍ରିୟ ନେତା। ୨୪ ବର୍ଷ ହେଲା ପ୍ରତ୍ୟେକ ନିର୍ବାଚନରେ ଅଧିକରୁ ଅଧିକ ଆସନରେ ବିଜୟ ଲାଭ କରୁଛନ୍ତି। ଏମିତି ଜଣେ ଲୋକପ୍ରିୟ ନେତାଙ୍କୁ ବାହାରୁ ଆସୁଥିବା ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ନେତାମାନେ ଅଶାଳୀନ ଭାଷାରେ ଗାଳି କରିବା ସହ ଅସମ୍ମାନ କରୁଛନ୍ତି। ତାହାକୁ ଓଡ଼ିଶାବାସୀ କେବେ ଭୁଲିବେ ନାହିଁ। ନିର୍ବାଚନରେ ବିଜେପିର ଏହି ୪ଟି ଭୁଲ ସେମାନଙ୍କ ପାଇଁ ବୁମେରାଂ ହୋଇଛି। ଓଡ଼ିଶାର ଭାଇ ଓ ଭଉଣୀମାନେ ଏହାର ଉଚିତ୍ ଜବାବ ଦେବେ। ଯାହା ଆସନ୍ତା ୪ ତାରିଖ ଦିନ ସ୍ପଷ୍ଟ ହୋଇଯିବ। ତେଣୁ ଯେତେ ଗୋଲ ପୋଷ୍ଟ ଚେଞ୍ଜ କଲେ ବି କିଛି ଫରକ୍ ପଡ଼ିବନି। ଓଡ଼ିଶାରେ ବିଜେପିର ସ୍ଥିତି ନାହିଁ। ସେମାନେ ନିଯୁକ୍ତି, ଅଭିବୃଦ୍ଧି, ଦରଦାମ ଆଦି କ୍ଷେତ୍ରରେ କିଛି କହିପାରିବେ ନାହିଁ। ଯାହା ସାଧାରଣ ଜନତାଙ୍କୁ ଛୁଇଁପାରିବ। ଓଡ଼ିଶାକୁ କେମିତି ସଶକ୍ତ ରାଜ୍ୟ କରିବେ, ତାହା ଉପରେ କେବେ ବିତର୍କ କରୁନାହିଁ ବିଜେପି। ଭୋଟ ଆଦାୟ ପାଇଁ ବିଜେପି ଯେଉଁ ରାଜନୀତି ଓ ରଣନୀତି କରୁଛି ତାହା ସେମାନଙ୍କ ପାଇଁ ବୁମେରାଂ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୀତିକୁ ସେବା ଭାବେ ଗ୍ରହଣ କରି ଲୋକଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ଓଡ଼ିଶାବାସୀ ତାହା ଭଲ ଭାବେ ଜାଣିଛନ୍ତି, ତେଣୁ ଉଚିତ୍ ଜବାବ ଦେବେ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୬ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୬ ଯୋଡା ଟ୍ରେନ୍ କୁ ବାତିଲ ରଖିବାକୁ ନିଷ୍ପତ୍ତି ହୋଇଛି। ଏହାସହ କିଛି ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଥିବା ବେଳେ ଆଉ କିଛି ଟ୍ରେନ୍‌ର ସମୟକୁ ପୁନଃନିର୍ଦ୍ଧାରଣ କରାଯାଇଛି।

ଢେଙ୍କାନାଳ ଷ୍ଟେସନ ଠାରେ ଢେଙ୍କାନାଳ ଓ ଶଦାସିବପୁର ରେଳ ଷ୍ଟେସନ ମଧ୍ୟରେ ୩ୟ ଏବଂ ୪ର୍ଥ ଲାଇନର କାର୍ଯ୍ୟକ୍ଷମ କାମ ଚାଲିଛି। ସେହିପରି ସରଲା ଷ୍ଟେସନରେ ସମ୍ବଲପୁର-ଝାରସୁଗୁଡା ରେଳ ସେକ୍ସନରେ ମାଲବାହୀ ଟ୍ରେନ୍ ପରୀକ୍ଷା ଲାଇନର କାର୍ଯ୍ୟକ୍ଷମ, ସମ୍ବଲପୁର ଏବଂ ୱାଲଟିୟର ରେଳ ମଣ୍ଡଳ ପରିସୀମା ମଧ୍ୟରେ ବ୍ରିଜ୍ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ଯାତ୍ରୀ ପରିବହନ କରୁଥିବା କିଛି ଟ୍ରେନ୍ ପ୍ରଭାବିତ ହେବ ଯାହା ଫଳରେ କିଛି ଟ୍ରେନକୁ ବାତିଲ୍ କରାଯାଉଥିବାବେଳେ କିଛି ଟ୍ରେନର ମାର୍ଗ ପରିବର୍ତ୍ତନ, ସମୟ ପୁନଃ ନିର୍ଦ୍ଧାରଣ ଓ ମାର୍ଗରେ କିଛି ସମୟ ପାଇଁ ନିୟନ୍ତ୍ରଣ କରାଯିବ।

୧୮୧୨୫/୧୮୧୨୬ ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ୩୦ ମଇ ରୁ ୧୪ ଜୁନ୍ ମଧ୍ୟରେ ରାଉରକେଲା ଠାରୁ ଏବଂ ୩୧ ମଇରୁ ୧୫ ଜୁନ୍ ମଧ୍ୟରେ ପୁରୀରୁ ବାତିଲ ରହିବ। ୦୮୪୧୪/୦୮୪୧୩ ପୁରୀ-ତାଳଚେର-ପୁରୀ ପାସେଞ୍ଜର ସ୍ପେସିଆଲ ୩୦ ମଇରୁ ୫ ଜୁନ୍ ମଧ୍ୟରେ ପୁରୀରୁ ଏବଂ ୩୧ ମଇରୁ ୬ ଜୁନ୍ ମଧ୍ୟରେ ତାଳଚେର ଠାରୁ ବାତିଲ୍ ରହିବ। ୦୭୪୭୧/୦୭୪୭୦ ପାଲାସା-ବିଶାଖାପାଟନମ୍-ପାଲାସା ପାସେଞ୍ଜର ସ୍ପେଶାଲ ୩୧.୦୫.୨୦୨୪ ଦିନ ଉଭୟ ଦିଗରୁ ବାତିଲ୍ ରହିବ। ୦୮୧୬୯/୦୮୧୭୦ ଏବଂ ୦୮୧୭୧/୦୮୧୭୨ ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ପାସେଞ୍ଜର ସ୍ପେଶାଲ ୭ ଜୁନ୍‌ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୦୮୨୬୪/୦୮୨୬୩ ବିଳାସପୁର-ଟିଟିଲାଗଡ-ବିଳାସପୁର ପାସେଞ୍ଜର ସ୍ପେଶାଲ ବିଳାସପୁରରୁ ୭ ରୁ ୧୪ ଜୁନ୍ ମଧ୍ୟରେ ଏବଂ ଟିଟିଲାଗଡରୁ ୮ ରୁ ୧୫ ଜୁନ୍ ମଧ୍ୟରେ ବାତିଲ ରହିବ। ୦୮୨୭୭/୦୮୨୭୮ ଟିଟିଲାଗଡ-ରାୟପୁର-ଟିଟିଲାଗଡ ପାସେଞ୍ଜର ସ୍ପେଶାଲ ଟିଟିଲାଗଡରୁ ୭ ରୁ ୧୪ ଜୁନ୍ ମଧ୍ୟରେ ଏବଂ ରାୟପୁରରୁ ୮ ରୁ ୧୫ ଜୁନ୍ ମଧ୍ୟରେ ବାତିଲ ରହିବ।

ସେହିପରି ୧୮୧୯୦/୧୮୧୮୯ ଏର୍ଣ୍ଣାକୁଲମ୍-ଟାଟା-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ୬ ରୁ ୧୨ ଜୁନ୍ ମଧ୍ୟରେ ଏର୍ଣ୍ଣାକୁଲମ୍ ଠାରୁ ଏବଂ ୭ ଜୁନ୍ ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଟାଟା ଠାରୁ ଚଳାଚଳ କରିବାକୁ ଥିବା ଟ୍ରେନ ଏହାର ନିର୍ଦ୍ଧାରିତ ପଥ ବିଜୟନଗରମ-ଟିଟିଲାଗଡ-ଝାରସୁଗୁଡା ମାର୍ଗ ପରିବର୍ତ୍ତେ ଜାରୋଲି-ଜଖପୁରା-କଟକ-ଖୋର୍ଦ୍ଧା ରୋଡ୍-ବିଜୟନଗରମ୍ ମାର୍ଗ ଦେଇ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ।

୦୬୦୯୦ ସାନ୍ତ୍ରାଗଛି-ତାମ୍ବରମ୍ ଏକ୍ସପ୍ରେସ୍ ୩୦ ମଇ ଦିନ ସାନ୍ତ୍ରାଗଛିରୁ, ୨୦୮୯୬ ଭୁବନେଶ୍ୱର-ରାମେଶ୍ୱରମ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ୩୧ ମଇ ଦିନ, ୦୬୨୨୨ ମୁଜାଫରପୁର-ମହୀଶୂର ସ୍ପେଶାଲ ମୁଜାଫରପୁରରୁ ୩୦ ମଇ ଦିନ, ୦୬୧୦୪ ଡ଼ିବ୍ରୁଗଡ଼-ନ୍ୟୁ-ନାଗରକୋଏଲ ସ୍ପେଶାଲ ଡ଼ିବ୍ରୁଗଡ଼ ଠାରୁ ୨୯ ମଇ ଦିନ, ୦୯୦୬୦ ବ୍ରହ୍ମପୁର-ସୁରଟ ସ୍ପେଶାଲ ବ୍ରହ୍ମପୁର ଠାରୁ ୩୧ ମଇ ଦିନ, ୨୦୯୧୭ ଇନ୍ଦୋର-ପୁରୀ ଏକ୍ସପ୍ରେସ ଇନ୍ଦୋରରୁ ୧୧ ଜୁନ୍ ଦିନ, ୧୫୦୨୮ ଗୋରଖପୁର-ସମ୍ବଲପୁର ଏକ୍ସପ୍ରେସ ଗୋରଖପୁରରୁ ୬ ରୁ ୧୩ ଜୁନ୍, ୨୨୮୪୦ ଭୁବନେଶ୍ୱର-ରାଉରକେଲା ଏକ୍ସପ୍ରେସ ୪ ଜୁନ୍‌ରେ ଭୁବନେଶ୍ୱର ଠାରୁ ଛାଡିବାକୁ ଥିବା ଟ୍ରେନଗୁଡିକ ଉତ୍ପତି ଷ୍ଟେସନମାନଙ୍କ ଠାରୁ ସର୍ବନିମ୍ନ ଏକ ଘଣ୍ଟାରୁ ସର୍ବାଧିକ ଦୁଇ ଘଣ୍ଟା ୩୦ ମିନିଟ୍ ମଧ୍ୟରେ ସମୟରେ ପୁନଃ ନିର୍ଦ୍ଧାରଣ କରାଯିବ।

# ସୋଆ ଫ୍ୟାକଲ୍ଟିଙ୍କ ଦ୍ୱାରା ଲିଖିତ ପ୍ରାଣୀ ରୋଗ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍ ଏଏଚ୍)ର ଫ୍ୟାକଲ୍ଟିମାନଙ୍କ ଦ୍ୱାରା ପ୍ରାଣୀ ରୋଗ ବିଜ୍ଞାନ ସମ୍ବନ୍ଧୀୟ ଦୁଇଟି ପୁସ୍ତକକୁ ମଙ୍ଗଳବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉନ୍ମୋଚିତ କରିଛନ୍ତି। ନ୍ତନ୍ୟୁଟ୍ରିସ୍‌ନାଲ୍ ବାୟୋକେମେଷ୍ଟ୍ରୀ ଫର୍ ଭେଟେରିନାରୀ ଏକ୍ସିଲେନ୍‌ସ: ଏ ହୋଲିଷ୍ଟିକ୍ ଆପ୍ରୋଚ୍'ନ୍ତ ଶୀର୍ଷକ ପୁସ୍ତକଟି ଅନୁଷ୍ଠାନରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଯୋରା ରିନା, ଡକ୍ଟର ଜୁଲି ଚକ୍‌ମା ଏବଂ ଡକ୍ଟର ଦିବ୍ୟପ୍ରକାଶ ଆର୍. ଚୋରାଭାଡ଼ାଙ୍କ ଦ୍ୱାରା ମିଳିତ ଭାବେ ଲେଖାଯାଇଛି। ପୁସ୍ତକଟିରେ ପ୍ରାଣୀ ରୋଗ କ୍ଷେତ୍ରରେ ପୋଷଣ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ ରହିଥିବା ବେଳେ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାର କିଭଳି ଗୁରୁତ୍ୱ ରହିଛି ସେ ସମ୍ପର୍କରେ ବିସ୍ତାର ଭାବେ ଦର୍ଶାଯାଇଛି। ଅନୁଷ୍ଠାନର ଅନ୍ୟ ଜଣେ ଆସିଷ୍ଟାଣ୍ଟ ପ୍ରଫେସର (ଡକ୍ଟର) ଦୀପକ କୁମାର ଚୌରାସିଆଙ୍କ ଦ୍ୱାରା ଲିଖିତ ପୁସ୍ତକ ନ୍ତଏଗ୍‌ଜାମ୍ ସ୍ପେଶିଆଲ୍ : ୟୋର ପର୍ଫେକ୍ଟ ଏଗ୍‌ଜାମ୍ ଫ୍ରେଣ୍ଡନ୍ତ ପୁସ୍ତକଟି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଲେଖାଯାଇଛି। ପୁସ୍ତକ ଦୁଇଟି ଉନ୍ମୋଚନ କରିବା ଅବସରରେ ପ୍ରଫେସର (ଡକ୍ଟର) ନାୟକ ସୋଆର ଏହି ୪ ଜଣ ଅଧ୍ୟାପକ ଅଧ୍ୟାପିକାଙ୍କର ଉଦ୍ୟମକୁ ନେଇ ଖୁସି ବ୍ୟକ୍ତ କରିବା ସହ ଏହି ୪ଜଣ ଫ୍ୟାକଲ୍ଟି ଦେଶର ବିଭିନ୍ନ ରାଜ୍ୟରୁ ଆସିଛନ୍ତି ବୋଲି କହିଥିଲେ। ଏହା ବିଶ୍ୱବିଦ୍ୟାଳୟର ବିବିଧତାକୁ ଦର୍ଶାଉଛି ବୋଲି ସେ କହିଥିଲେ। ଡକ୍ଟର ରିନା ଆନିମଲ୍ ନ୍ୟୁଟ୍ରିସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ବେଳେ ସେ କର୍ଣ୍ଣାଲ୍‌ର ଆଇସିଏଆର୍-ନ୍ୟାସ୍‌ନାଲ୍ ଡାଏରି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆନିମଲ୍ ନ୍ୟୁଟ୍ରିସନ୍‌ରେ ୨୦୨୩ ମସିହାରେ ଡକ୍ଟରେଟ୍ କରିଛନ୍ତି। ସେ ୨୦୧୮ ମସିହାରେ ଆସାମ କୃଷି ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଲେଜ ଅଫ୍ ଭେଟେରିନାରୀ ସାଇନ୍‌ସେସ୍‌ରୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଥିଲେ। ସେହିପରି ଡକ୍ଟର ଚକ୍‌ମା ୨୦୨୩ରେ ଇଣ୍ଡିଆନ୍ ଭେଟେରିନାରୀ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଆଇଭିଆର୍‌ଆଇ)ରୁ ଆନିମଲ୍ ନ୍ୟୁଟ୍ରିସନ୍‌ରୁ ପିଏଚ୍‌ଡି କରିଥିବା ବେଳେ ୨୦୨୦ରେ ଇମ୍ଫାଲ୍ ସ୍ଥିତ ସେଣ୍ଟ୍ରାଲ୍ ଏଗ୍ରିକଲ୍‌ଚରାଲ୍ ୟୁନିଭର୍ସିଟିରୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଥିଲେ ଏବଂ ତ୍ରିପୁରାର କଲେଜ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀରୁ ଗ୍ରାଜୁଏସନ୍ କରିଛନ୍ତି। ସେହିପରି ଡକ୍ଟର ଚୋରାଭାଡା ଆଇଭିଆର୍‌ଆଇରୁ ଆନିମଲ୍ ବାୟୋକେମେଷ୍ଟ୍ରୀରେ ପିଏଚ୍‌ଡି ହାସଲ କରିଥିବା ବେଳେ ୨୦୧୮ରେ ଗୁଜରାଟର ଜୁନାଗଡ଼ କୃଷି ବିଶ୍ୱବିଦ୍ୟାଳୟରୁ ଭେଟେରିନାରୀ ବାୟୋକେମେଷ୍ଟ୍ରୀରେ ପୋଷ୍ଟ ଗ୍ରାଜୁଏସନ୍ କରିଛନ୍ତି। ଛତିଶଗଡ଼ର ଡକ୍ଟର ଚୌରାସିଆ ଦୁର୍ଗ ଭେଟେରିନାରୀ କଲେଜରୁ ତାଙ୍କର ଅଣ୍ଡର ଗ୍ରାଜୁଏଟ୍ ଶିକ୍ଷା ସମାପ୍ତ ପରେ ଏମ୍‌ଭିଏସ୍‌ସି ଏବଂ ପିଏଚ୍‌ଡି ଡିଗ୍ରୀ ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଓଡ଼ିଶା ଭେଟେରିନାରୀ କଲେଜ୍‌ରୁ ହାସଲ କରିଛନ୍ତି।

# ଓଡ଼ିଶାର ନାଯ୍ୟ ଦାବିକୁ କେନ୍ଦ୍ର ଲଗାତାର ଅବହେଳା କରୁଛି : ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ରାଜ୍ୟସଭା ସାଂସଦ ମମତା ମହନ୍ତ ଓଡ଼ିଶାର ବିଭିନ୍ନ ନାଯ୍ୟ ଦାବିକୁ କେନ୍ଦ୍ର ସରକାର ଅଣଦେଖା କରିଆସୁଥିବାର ଅଭିଯୋଗ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ମୁଖପାତ୍ର ତଥା ମିଡ଼ିଆ କୋର୍ଡିନେଟର ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ। ଶ୍ରୀମତୀ ମହନ୍ତ କହିଥିଲେ, ଦାରିଦ୍ର୍ୟ ଜର୍ଜରିତ ଅନଗ୍ରସର ଓଡ଼ିଶାକୁ ଦେଶର ଅନ୍ୟ ରାଜ୍ୟ ଭଳି ବିକାଶ ଧାରାରେ ସାମିଲ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରି ଆସୁଛନ୍ତି। ଏଥିପାଇଁ ୨୦୧୨ରେ ବିଜୁ ଜନତା ଦଳ ପକ୍ଷରୁ ଦିଲ୍ଲୀର ରାମଲୀଳା ମଇଦାନରେ ବିଶାଳ ସମାବେଶର ଆୟୋଜନ କରାଯାଇଥିଲା। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶା ବିଜେପି ମଧ୍ୟ ଏହାର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ୧୦ ବର୍ଷ ହେଲା କେନ୍ଦ୍ରରେ ବିଜେପିର ସରକାର ରହିଥିଲେ ମଧ୍ୟ ରାଜ୍ୟ ବିଜେପି ଆଉ ଏ ନେଇ ପାଟି ଫିଟାଉ ନାହିଁ। ସେହିପରି ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀଙ୍କ ଆର୍ଥିକ ଉନ୍ନତି ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର କେନ୍ଦ୍ର ସରକାର ଓଡ଼ିଶା ଚାଷୀଙ୍କ ଉନ୍ନତି ଚାହୁଁନାହାନ୍ତି। ସ୍ୱାମୀନାଥନ କମିଶନ ସୁପାରିସ ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ୨୦୧୮ରେ ବିଧାନସଭାରେ ସବୁ ଦଳ ପକ୍ଷରୁ ସଂକଳ୍ପ ପାରିତ ହୋଇଥିଲା। ମାତ୍ର ୫ ବର୍ଷ ପରେ ବି କେନ୍ଦ୍ରର ବିଜେପି ସରକାର ଏହା ନକରି ଓଡ଼ିଶାର ଚାଷୀକୂଳକୁ ଧୋକା ଦେଇ ଚାଲିଛନ୍ତି। ଓଡ଼ିଶା ସରକାରଙ୍କ ସଫଳ କୃଷି ନୀତି ଏବଂ ଓଡ଼ିଶାର ଚାଷୀମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ଯୋଗୁଁ ଓଡ଼ିଶା ଏବେ ଦେଶର ଚତୁର୍ଥ ସର୍ବାଧିକ ଧାନ ଉତ୍ପାଦନକାରୀ ରାଜ୍ୟ ହୋଇପାରିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଓଡ଼ିଶାର ୮୦ ଲକ୍ଷ ଚାଷୀଙ୍କ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରିମିୟମ ଅର୍ଥ ପ୍ରଦାନ କରୁଛନ୍ତି। ମାତ୍ର କେନ୍ଦ୍ର ସରକାରଙ୍କ ସହ ସଲାସୁତୁରା କରି ବୀମା କମ୍ପାନିମାନେ ଓଡ଼ିଶା ଚାଷୀଙ୍କ ପ୍ରାପ୍ୟ ଅର୍ଥ ଠିକ୍ ସମୟରେ ପ୍ରଦାନ କରୁନାହାନ୍ତି। ୨୦୨୨ ସୁଦ୍ଧା ଦେଶର ଚାଷୀଙ୍କ ଆୟ ଦୁଇଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲା କେନ୍ଦ୍ରର ବିଜେପି ସରକାର। ମାତ୍ର କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ନୀତି ଯୋଗୁଁ ଚାଷୀର ଆୟ ବଢ଼ିବା ବଦଳରେ ଚାଷୀକୁଳ କ୍ରମଶଃ ଦୁର୍ଦ୍ଦଶା ଭିତରକୁ ଠେଲି ହୋଇଯାଉଛନ୍ତି। ଅପରପକ୍ଷରେ ଏମଏମଡିଆର ଆକ୍ଟ ଅନୁସାରେ ପ୍ରତି ତିନି ବର୍ଷରେ ଥରେ କୋଇଲା ରୟାଲଟି ରିଭିଜନ ହେବାର ନିୟମ ଥିଲେ ମଧ୍ୟ ବର୍ଷ ବର୍ଷ ହେଲା ରୟାଲଟି ବଢ଼ାଇ ନାହିଁ କେନ୍ଦ୍ର। ଫଳରେ ଓଡ଼ିଶା ସରକାର କୋଇଲା ରୟାଲଟି ବାବଦକୁ ଶହ ଶହ କୋଟି ଟଙ୍କାର ନାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଛନ୍ତି। ବିଜେଡି ସାଂସଦମାନେ ସଂସଦ ଭିତରେ ଅନେକ ଥର ଏହି ପ୍ରସଙ୍ଗ ଉଠାଇଛନ୍ତି। ମାତ୍ର କେନ୍ଦ୍ରର ବିଜେପି ସରକାର ଓଡ଼ିଶାକୁ ଧୋକା ଦେଇ ଚାଲିଛି। ସେହିପରି କ୍ଲିନ୍ ଏନର୍ଜି ସେସ୍ ବାବଦରେ କେନ୍ଦ୍ର ସରକାର ଓଡ଼ିଶାରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ଏଥିରୁ ଟଙ୍କାଟିଏ ଓଡ଼ିଶାକୁ ପ୍ରଦାନ କରୁନାହିଁ। ଓଡ଼ିଶାବାସୀ ବିଜେପିର ଦୋମୁହାଁ ନୀତି ସହ ବେଶ୍ ପରିଚିତ। ତେଣୁ ଓଡ଼ିଶାବାସୀ ଚଳିତ ନିର୍ବାଚନରେ ବିଜେପିକୁ ପ୍ରତ୍ୟାଖ୍ୟାନ କରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୬୦ ପ୍ରାର୍ଥୀଙ୍କ ଭାଗ୍ୟ...

ଟଙ୍କା ପରିମାଣ ସମ୍ପର୍କରେ ସେ କହିଛନ୍ତି '୨୦୧୪ରେ ୨୦ କୋଟି, ୨୦୧୯ରେ ୪୪.୦୭ କୋଟି, ୨୦୨୪ରେ ଏପର୍ଯ୍ୟନ୍ତ ୨୭୫ କୋଟି ଟଙ୍କା ଜବତ ହୋଇଛି। ୨୦୧୪ରେ ୧.୮୯ କୋଟି, ୨୦୧୯ରେ ୧.୮୭କୋଟି, ୨୦୨୪ ବର୍ତ୍ତମାନ ସୁଦ୍ଧା ୨୦.୦୮ କୋଟି ଟଙ୍କା ଜବତ ହୋଇଛି। ମତଦାନ ହାର ୨୦୧୯ ତୁଳନାରେ ଅଧିକ ରହିଛି। ଭୁବନେଶ୍ୱର ମତଦାନ ହାର ୫୦%ରୁ ଅଧିକ ରହିଛି। ଚଳିତ ନିର୍ବାଚନରେ ହିଂସା କମ୍ ହୋଇଛି। ଶ୍ରୀ ଧଳ କହିଛନ୍ତି ଗତ ୩ ପର୍ଯ୍ୟାୟ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ହୋଇଛି। ମତଦାନ ହାର ୨୦୧୯ ଠାରୁ ଅପେକ୍ଷାକୃତ ଅଧିକ ହୋଇଛି। ଏପରିକି ଭୁବନେଶ୍ୱରରେ ୫୦ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ କରାଯାଇଛି। ଭୋଟରମାନଙ୍କ ଭିତରେ ଉତ୍ସାହ ଦେଖାଦେଇଛି। ଭିନ୍ନକ୍ଷମ ଭୋଟର ଘରେ ଭୋଟ ଦେବାର ସୁବିଧା ହୋଇଥିଲା। ଯୁବ ଭୋଟରମାନେ ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ୧୯୯୮ ପରେ ୨୦୨୪ରେ ମାଓ ଅଞ୍ଚଳରେ ଭଲରେ ମତଦାନ ହୋଇଛି। ଏଥିପାଇଁ ସୁରକ୍ଷା କର୍ମଚାରୀ ଧନ୍ୟବାଦର ପାତ୍ର ବୋଲି ସେ କହିଛନ୍ତି। ସେମାନେ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଶେଷ ପର୍ଯ୍ୟାୟରେ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଏବଂ ଜଗତସିଂହପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ହେବ। ପ୍ରାୟ ୧ କୋଟି ଭୋଟର ମତଦାନ କରିବେ। ସକାଳ ୭ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ୧୪ଶହରୁ ଅଧିକ ମତଦାନ କେନ୍ଦ୍ର ଥିବାବେଳେ ମହିଳା ପୋଲିଂ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। ସମ୍ଭାବ୍ୟ ଅଂଶୁଘାତର ଚିକିତ୍ସା ପାଇଁ ବ୍ୟବସ୍ଥା ରହିବ। ୧୦୮ ଆମ୍ବୁଲାନ୍ସ ସହ ପିଏଚ୍‌ସି ଓ ସିଏଚ୍‌ସିରେ ଅଂଶୁଘାତ ୱାର୍ଡ ରଖାଯାଇଛି। ବରିଷ୍ଠ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବରିଷ୍ଠ ଭୋଟର ଏବଂ ଭିନ୍ନକ୍ଷମଙ୍କ ପାଇଁ ସ୍ୱେଚ୍ଛାସେବୀ ରହିବେ। ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଧାଡି ନିକଟରେ ବେଞ୍ଚ ବ୍ୟବସ୍ଥା କରାଯିବ। କେବଳ ପ୍ରିଜାଇଡିଂ ଅଫିସର ନିହାତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଫୋନ ବ୍ୟବହାର କରିପାରିବେ। ଗଣତନ୍ତ୍ରର ଏହି ମହାପର୍ବରେ ଅଧିକ ସଂଖ୍ୟାରେ ଭୋଟର ସାମିଲ ହେବାକୁ ଅପିଲ କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ। 'ସମସ୍ତେ ଆସି ଭୋଟ ଦିଅନ୍ତୁ, ନିଜର ବହୁମୂଲ୍ୟ ମତାମତ ସାବ୍ୟସ୍ତ କରନ୍ତୁ। ୧୫ହଜାର ସି-ଭିଜିଲ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୧ ହଜାର ଅଭିଯୋଗର ସତ୍ୟତା ଥିଲା' ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ।

## ମୁଖ୍ୟମନ୍ତ୍ରୀ ନବୀନଙ୍କ...

ଥିଲେ, ତେବେ ସେ ଫୋନକଲରେ ଏ ସମ୍ପର୍କରେ ପଚାରି ପାରିଥାନ୍ତେ। ସେ ତାହା ନକରି ବୁଧବାର ନିର୍ବାଚନୀ ସଭାରେ ଉଚ୍ଚସ୍ୱରରେ ଏହି କଥା କହି ନଥାନ୍ତେ। ଏହାର ଅର୍ଥ କେବଳ, ସେ ନିର୍ବାଚନୀ ରାଜନୀତି କରୁଛନ୍ତି। କେବଳ ଏବେ ନୁହେଁ ବରଂ ଗତ ୧୦ବର୍ଷ ହେଲାଣି ଦିଲ୍ଲୀରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅପପ୍ରଚାର ଜାରି ରହିଛି। ହେଲେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ଦୃଢ଼ଭାବେ କହିଛନ୍ତି। ନବୀନ କହିଛନ୍ତି, ମୁଁ ଗତ ୨୭ ବର୍ଷ ଧରି ରାଜନୀତିରେ ଅଛି। ୨୭ ବର୍ଷ ପୂର୍ବେ ଦଳର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲି ଏବଂ ସେବେଠାରୁ ମୁଁ ଏହି ଏହି ଦାୟିତ୍ୱ ସଫଳତାର ସହ ନିର୍ବାହ କରିଆସିଛି। ଏହି କାମ ମୁଁ ଆଗକୁ ମଧ୍ୟ ଜାରି ରଖିବି। ମୁଁ ଲୋକଙ୍କ ସହ କଥାବାର୍ତ୍ତା-ଆଲୋଚନାରେ ନିଜ ସମୟ କାଟୁଛି। ନିର୍ବାଚନ ପାଇଁ ମୁଁ ଗତ ଏକମାସରୁ ଅଧିକ ସମୟ ଧରି ଲୋକଙ୍କ ସହ ରହିଆସିଥିବା କହିଛନ୍ତି ନବୀନ। ବ୍ୟକ୍ତିଗତ ଟିପ୍ପଣୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶ ଓ ରାଜ୍ୟରେ ଭାରତୀୟ ଜନତା ପାର୍ଟିର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି। ଫଳରେ ସେମାନେ ହତାଶ ହୋଇପଡିଲେଣି। ତେଣୁ ସେମାନେ ଏପରି ବ୍ୟକ୍ତିଗତ ଟିପ୍ପଣୀ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୁଧବାର ପ୍ରଧାନମନ୍ତ୍ରୀ ବାରିପଦାରେ ବିଜୟ ସଙ୍କଳ୍ପ ସମାବେଶରେ ସିଧା ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଗମ୍ଭୀର ଅଭିଯୋଗ କରିଥିଲେ। ନବୀନ ନିଜେ କିଛି ଜାଣିପାରୁନାହାନ୍ତି। ତାଙ୍କୁ ଏକ କ୍ଷମତା ଭୋଗକାରୀ ଗୋଷ୍ଠୀ ନିୟନ୍ତ୍ରଣକୁ ନେଇ ସାରିଲାଣି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ଏକ ବଡ ଷଡଯନ୍ତ୍ର। ବିଜେପି କ୍ଷମତାକୁ ଆସିଲା ପରେ ଏକ କମିଟି ଗଠନ କରି ଏହାର ତଦନ୍ତ କରିବ। ଏହାର କିଛି ଘଣ୍ଟା ମଧ୍ୟରେ ନବୀନ ପ୍ରେସମିଟ କରି ଏହାକୁ ନିନ୍ଦା କରିଥିଲେ। ସେ କେବେ କୌଣସି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ବ୍ୟକ୍ତିଗତ ଟିପ୍ପଣୀ କରନ୍ତି ନାହିଁ। ମାତ୍ର ରାଜ୍ୟ ବାହାର ନେତାମାନେ ଆସି ତାଙ୍କ ସମ୍ପର୍କରେ ଏପରି ଟିପ୍ପଣୀ କରୁଛନ୍ତି ବୋଲି ନବୀନ କହିଥିଲେ। ବିଶେଷ କରି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଓଡ଼ିଶାରେ ପ୍ରଚାର ବେଳେ ଶାଳୀନତା ରକ୍ଷା କରିପାରି ନାହାଁନ୍ତି, ସେ ଶାଳୀନତା ଜାଣି ନାହାଁନ୍ତି ସେଥି ପାଇଁ ମିଛ ଅପପ୍ରଚାର କରିଚାଲିଛନ୍ତି।

## ପୁରୀରେ ବାଣ ବିସ୍ଫୋରଣ...

ଅଧିକ ଆହତ ହୋଇଥିବା ବେଳେ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଏବେ ୨୭ ଜଣ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ କଟକ ଏସସିବିରେ ୭ ଜଣ ଚିକିତ୍ସିତ ହେଉଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ତେବେ ଚିକିତ୍ସାଧୀନ ଥିବା ଆହତଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ପହଞ୍ଚି ଆହତଙ୍କୁ ଭେଟିଛନ୍ତି ଏବଂ ଚିକିତ୍ସା ସହାୟତା ସମ୍ବନ୍ଧରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ହସ୍ପିଟାଲରେ ଆହତମାନଙ୍କ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ଘୋଷଣା କରିଛନ୍ତି। ଏନେଇ ଏମ୍‌ସ ଭୁବନେଶ୍ୱର ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ଡାକ୍ତର ସଞ୍ଜୟ ଗିରିଙ୍କ କହିଛନ୍ତି ଯେ, ରାତି ଗୋଟାଏ ବେଳକୁ ପୁରୀରୁ ବାଣ ବିସ୍ଫୋରଣରେ ଆହତ ହୋଇ ୫ ଜଣ ଏମ୍‌ସ ଆସିଥିଲେ। ସେମାନଙ୍କ ମଧ୍ୟରୁ ସାମାନ୍ୟ ଆହତ ହେଇଥିବା ୨ ଜଣଙ୍କୁ ଡିସଚାର୍ଜ କରାଯାଇଛି। ଏବେ ୩ ଜଣ ଆହତ ଚିକିତ୍ସଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨ରୁ ୧୪ ବର୍ଷ ବୟସର ପିଲାର ଶରୀର ପଖାପାଖି ୮୦ରୁ ୯୦ % ପୋଡ଼ିଯାଇଛି। ଏହି ପିଲାଟିର ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟ ଜଣେ ୪୫ ବର୍ଷୀୟ ବୟସ୍କ ବ୍ୟକ୍ତିଙ୍କର ଶରୀର ୬୦ ଭାଗ ପୋଡ଼ି ଯାଇଛି। ଉଭୟଙ୍କୁ ଆଇସିୟୁରେ ରଖାଯାଇଛି। ତୃତୀୟ ବ୍ୟକ୍ତିଙ୍କ ୪୦ ପ୍ରତିଶତ ପୋଡିଯାଇଛି। ସେମାନଙ୍କୁ ଭଲ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୁଧବାର ସନ୍ଧ୍ୟାରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଚାପ ଖେଳ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହି ସମୟରେ ଦେବୀଘାଟ ନିକଟ ଦସତୁଠ ପାଖରେ ଆତସବାଜି ହେଉଥିଲା। ଏତିକି ବେଳେ ବାଣ ଫୁଟି ଲୋକଙ୍କ ଉପରେ ପଡିଥିଲା। ଏଥିରେ ୩୦ରୁ ଅଧିକ ଆହତ ହୋଇଥିବାବେଳେ ସମସ୍ତଙ୍କୁ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଆବଶ୍ୟକ ଡାକ୍ତର ଓ ବର୍ଣ୍ଣ ୟୁନିଟ ନଥିବାରୁ ଆହତମାନଙ୍କୁ କଟକ ଓ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ୧୫ ବର୍ଷୀୟ ନାବାଳକ ରହିଛନ୍ତି। ଚିକିତ୍ସା ପରେ ୭ଜଣଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି।

## କେରଳ ଛୁଇଁଲା ମୌସୁମୀ...

ଭୁବନେଶ୍ୱର ୩୬.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରାଜଧାନୀର ଆର୍ଦ୍ରତା ୮୭ ପ୍ରତିଶତ ରହିଛି। ଗୁରୁବାର ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ ବଲାଙ୍ଗୀର ଜିଲ୍ଲା ପାଇଁ ଭୀଷଣ ଗ୍ରୀଷ୍ମ ପ୍ରବାହ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, ଖୋର୍ଦ୍ଧା, ଗଜପତି, ଗଞ୍ଜାମ, ଦେବଗଡ଼, ବରଗଡ଼, ନୂଆପଡ଼ା ଓ କଳାହାଣ୍ଡିରେ ବି ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଉପକୂଳ ଓଡ଼ିଶାରେ ବି ଭୀଷଣ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ଢେଙ୍କାନାଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଛି। ୩୧ ତାରିଖରୁ ରାଜ୍ୟରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି। ଜୁନ ୧ ଓ ୨ ତାରିଖରେ ରାଜ୍ୟର କିଛି ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ୪୦ ରୁ ୫୦ କିମି ବେଗରେ ପବନ ବହିବ। ବିଶେଷକରି ଉତ୍ତର ଓ ଆଭ୍ୟନ୍ତରୀଣ ଉପକୂଳ ସହ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷାର ସମ୍ଭାବନା ରହିଛି। ତଥ୍ୟ ଅନୁସାରେ ଗତ ୨୦୨୦ ମସିହାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୧ ଜୁନରେ ପ୍ରବେଶ କରିଥିବା ବେଳେ ୨୦୨୧ରେ ୩ ଜୁନ୍, ୨୦୨୨ରେ ୨୯ ମେ ଏବଂ ୨୦୨୩ରେ ଜୁନ ୮ ତାରିଖରେ ଛୁଇଁଥିବା ବେଳେ ଚଳିତବର୍ଷ ସ୍ୱାଭାବିକ ତାରିଖ ୧ ଜୁନର ଦୁଇ ଦିନ ଆଗରୁ କେରଳ ମଧ୍ୟକୁ ପ୍ରବେଶ କରିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ୨୦୨୩ରେ ବିଳମ୍ବରେ ପହଞ୍ଚିଥିଲା ମୌସୁମୀ। ନବରଙ୍ଗପୁରରେ ୨୪ ପ୍ରତିଶତ ନିଅଣ୍ଟିଆ ବର୍ଷା ସହ କେନ୍ଦ୍ରାପଡ଼ାରେ ୨୪ ପ୍ରତିଶତ ଓ ପୁରୀରେ ୨୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ସ୍ୱାଭାବିକ ଠାରୁ ୨୦ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା ଝାରସୁଗୁଡ଼ା, ବୌଦ୍ଧ ଓ ଢେଙ୍କାନାଳ ଜିଲ୍ଲାରେ। କିନ୍ତୁ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ଠାରୁ ଅଧିକ ବର୍ଷିବ। ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରଭାବରେ ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ହେବ, କିନ୍ତୁ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ପୂରା ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିବା ନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ। ସେହିପରି ପାଣିପାଗ ବିଶେଷଜ୍ଞ ଡ. ଶରତ ସାହୁ କହିଛନ୍ତି କେରଳରେ ମୌସୁମୀ ୨ ଦିନ ପୂର୍ବରୁ ଛୁଇଁଥିବା ବେଳେ ବର୍ତ୍ତମାନ ଓଡ଼ିଶାରେ କେତେବେଳେ ପହଁଚିବ ତାହା ସ୍ପଷ୍ଟ କରିହେବନି। କାରଣ ବର୍ତ୍ତମାନ ଦକ୍ଷିଣ ପଶ୍ଚିମ ମୁହାଁ ମୌସୁମୀ ବାୟୁର ଗତି ରହୁଥିବା ବେଳେ ୩ରେ ପୁଣି ତା'ର ଗତି ପରିବର୍ତ୍ତନ ହେବାର ସମ୍ଭାବନା ରହୁଛି। ତେଣୁ ଗତିପଥକୁ ନେଇ କେବେ ଓଡ଼ିଶା ଛୁଇଁବ ତାହା ସ୍ପଷ୍ଟ ହୋଇନଥିବା ବେଳେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ୧୦ ତାରିଖ ପୂର୍ବରୁ ଓଡ଼ିଶା ଛୁଇଁବାର ସମ୍ଭାବନା ନଥିବା ସେ କହିଛନ୍ତି। ଏହାସହ ଏଥର ଓଡ଼ିଶାରେ ପାଣିପାଗର ନିୟାମକ ଯେପରିକି ଲଘୁଚାପ ହେଉ ଅବା ଟ୍ରପ ଲାଇନ ସେଭଳି ସକ୍ରିୟ ନଥିବାରୁ କାଳବୈଶାଖୀ ବର୍ଷାରେ ମଧ୍ୟ ଭଲ ବର୍ଷା ହୋଇନାହିଁ। ତେଣୁ ଓଡ଼ିଶାକୁ ଶୀଘ୍ର ମୌସୁମୀ ଆସିବାର ସେଭଳି କିଛି ସ୍ଥିତି ଅନୁକୂଳ ହୋଇନାହିଁ ବୋଲି ସେ କହିଛନ୍ତି।

# ଦ୍ୱାଦଶ ବୋର୍ଡ ପରୀକ୍ଷାରେ କ୍ରିସୁ ସାଲୁଜାଙ୍କ ସଫଳତା

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ଏବଂ ଟ୍ରକ୍ ମାଲିକ ସଂଘର ସଭାପତି ପ୍ରଭଜିତ ସିଂ ସାଲୁଜା ଏବଂ ଗୁରୁପ୍ରୀତ ସାଲୁଜା ସାଲୁଜାଙ୍କ ପୁତ୍ର କ୍ରିସୁ ସାଲୁଜା କେବଳ ସହରରେ ନୁହେଁ ବରଂ ସମଗ୍ର ଅଞ୍ଚଳରେ ୫୪୯ ମାର୍କ, ଅର୍ଥାତ୍ ୯୧.୫% ମାର୍କ ହାସଲ କରିଛନ୍ତି। ଓଡ଼ିଶାର ଦ୍ୱାଦଶ ବୋର୍ଡରେ ଷ୍ଟ୍ରିମ୍ କୃଷ୍ଣ ସାଲୁଜା ବରଗଡ଼ର ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଛାତ୍ର ଅଟନ୍ତି। ସେ ବିଦ୍ୟାଳୟରେ ବାଣିଜ୍ୟରେ ଦ୍ୱିତୀୟ ସ୍ଥାନ ଏବଂ ସମଗ୍ର ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆରମ୍ଭରୁ ଉଜ୍ଜ୍ୱଳ ଥିବା କ୍ରିସୁ ସ୍ଥାନୀୟ ଜେଏମଜେ ସ୍କୁଲରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ। ଭବିଷ୍ୟତରେ ସେ ଡିଗ୍ରୀ ହାସଲ କରି ନାଗରିକ ସେବାରେ ଯୋଗ ଦେଇ ଦେଶ ସେବା କରିବାକୁ ଚାହୁଁଛନ୍ତି।

# ବଜ୍ରପାତରେ ପୋଡ଼ିଗଲା ଟ୍ରାନ୍ସଫର୍ମର : ଅନ୍ଧାରରେ କେନ୍ଦୁପୋଶି ଗ୍ରାମର ୪୦ପରିବାର

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର କେନ୍ଦୁପୋଶି ଗ୍ରାମରେ ଦୀର୍ଘ ପାଞ୍ଚଦିନ ତଳେ ବଜ୍ରପାତରେ ଗ୍ରାମର ୨୫ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ିଯାଇଛି, ଫଳରେ ସାରା ଗ୍ରାମ ଅନ୍ଧାରରେ ରହିବା ସହ ଗ୍ରାମର ପ୍ରାୟ ୪୦ ପରିବାରର ୨ ଶହରୁ ଉର୍ଦ୍ଧ୍ୱ ଲୋକେ ଡିବିରି ଜାଳି ରହୁଛନ୍ତି। ଅଭିଯୋଗ କରିବା ପରେ ବିଦ୍ୟୁତ ବିଭାଗୀୟ କର୍ମଚାରୀ ପୋଡିଥିବା ଟ୍ରାନ୍ସଫର୍ମର ଖୋଲି ନେଇଥିଲେ। ହେଲେ ୫ ଦିନ ହେଲାଣି ନୂତନ ଟ୍ରାନ୍ସଫର୍ମର ବସାଯାଇ ପାରି ନଥିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ଜନକ ପରିସ୍ଥିତି ଦେଖାଦେଇଛି। ଗ୍ରୀଷ୍ମ କାଳରେ ବିଦ୍ୟୁତ ଚାଳିତ ଫ୍ୟାନ, କୁଲର, ଏସି ଅଚଳ ହୋଇଯିବାରୁ ଅସହ୍ୟ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ହୋଇ ପଡ଼ିଛନ୍ତି। ସନ୍ଧ୍ୟାହେଲେ ରାସ୍ତାଘାଟ କିଟିମିଟି ଅନ୍ଧାର ହୋଇଯାଉଛି। ଲୋକେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ବାଧାସୃଷ୍ଟି ହେଉଛି। ଲାଇନ ନ ଥିବାରୁ ଡିବିରି ଆଲୁଅରେ ଘରେ ପାଠ ପଢୁଥିବା ଦେଖିବାକୁ ମିଳିଛି। ତୁରନ୍ତ ବିଦ୍ୟୁତ ବିଭାଗ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର, ପ୍ରତାପ ପାତ୍ର, ଦିଲ୍ଲୀ ପ କୁମାର ପାତ୍ର, ହରେକୃଷ୍ଣ ପାତ୍ର, ପ୍ରଶାନ୍ତ ପାତ୍ର, ଯୋଶବନ୍ତ ପାତ୍ର, ଭକ୍ତବନ୍ଧୁ ପାତ୍ର, ଅଭିମନ୍ୟୁ ପାତ୍ର, ପରମେଶ୍ୱର ଦାସ, ଭିମଶେନ ପାତ୍ର, ପ୍ରଦୀପ ପାତ୍ର, ଜଗନ୍ନାଥ ପାତ୍ର, ପଦ୍ମଲୋଚନ ପାତ୍ର, ସନାତନ ପାତ୍ର(ଏ), ଲମ୍ବୋଦର ପାତ୍ର, ଭୁଲୁ ପାତ୍ର, ମଙ୍ଗୁଲୁ ଚରଣ ପାତ୍ର, ଗଣେଶ୍ୱର ପାତ୍ର, ଲେମ୍ବୁଧର ପାତ୍ର, ବୁଦ୍ଧଦେବ ପାତ୍ର, ମଧୁସୂଦନ ପାତ୍ର, ଭରତ ପାତ୍ର, ହରିହର ପାତ୍ର, ପିତାମ୍ବର ପାତ୍ର, ପର୍ଶୁ ପାତ୍ର, ପରମେଶ୍ୱର ପାତ୍ର, ଯୁଧିଷ୍ଠିର ପାତ୍ର, ଦିବାକର ପାତ୍ର, ଭକ୍ତବନ୍ଧୁ ପାତ୍ର, ନିତ୍ୟାନନ୍ଦ ପାତ୍ର, ବିକି ପାତ୍ର, ଶୁଭମ ପାତ୍ର, ପୁଟୁନ ପାତ୍ର, ଉପେନ୍ଦ୍ର ପାତ୍ର, ସତ୍ୟଜିତ ପାତ୍ର, ହରିହର ପାତ୍ର, ମନମୋହନ ପାତ୍ର, ବିଶ୍ୱଜିତ ପାତ୍ର, ଅନିରୁଧ ପାତ୍ର, ସନାତନ ପାତ୍ର(ବି), ଚନ୍ଦନ ଦାସ, ପରେଶ ପାତ୍ର, ଦେବାନନ୍ଦ ପାତ୍ର, ଦିପୁ ପାତ୍ର, ଦୁଲ୍ଲଭ ପାତ୍ର, ପୂଜାରାଣୀ ପାତ୍ର, ପୁରୁଷୋତ୍ତମ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି।

ଭୁବନେଶ୍ୱର
୩୧ ମଇ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24





ଭୁବନେଶ୍ୱର : ପୁରୀ ବାଣ ବିସ୍ଫୋରଣ ଘଟଣାରେ ଆହତମାନଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ସମ୍ ଅଲ୍ଟିମେଟ୍ ହସ୍‌ପିଟାଲରେ ଭେଟି ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)




## ଜମ୍ମୁ-କଶ୍ମୀରରେ ସଡ଼କ ଦୁର୍ଘଟଣା : ୨୧ ମୃତ

**ଶ୍ରୀନଗର, ୩୦।୫**

ଜମ୍ମୁରେ ବଡ଼ ଧରଣର ବସ୍ ଦୁର୍ଘଟଣା। ୧୫୦ ଫୁଟ ଖାଇକୁ ଖସିଛି ବସ୍। ଏହି ସଡ଼କ ଦୁର୍ଘଟଣାରେ ଏଯାବତ ୨୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୭ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନରେ ଜମ୍ମୁ ଜିଲ୍ଲା ଅଖନୁରର ଚୁଙ୍ଗି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେପଟେ ଘଟଣା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଜମ୍ମୁ-କାଶ୍ମୀରର ଏକାଧିକ ରାଜନେତା ଶୋକ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଦୁର୍ଘଟଣା ଘଟିଥିବା ବସ୍‌ଟି ତୀର୍ଥଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା। ହରିୟାଣା କୁରୁକ୍ଷେତ୍ର ଅଞ୍ଚଳରୁ କିଛି ତୀର୍ଥଯାତ୍ରୀ ଜମ୍ମୁ ଓ କଶ୍ମୀରର ରୈସି ଜିଲ୍ଲାର ଶିବ ଖୋରି ଅଞ୍ଚଳକୁ ଯାତ୍ରା କରୁଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତଙ୍କୁ ଚିକିତ୍ସା ପାଇଁ ଅଖନୁର ହସ୍ପିଟାଲ ଓ ଜମ୍ମୁର ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ବାଲେଶ୍ୱର ଓ ଭଦ୍ରକ ଲୋକସଭା କ୍ଷେତ୍ରରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର

**ଭୁବନେଶ୍ୱର,୩୦।୫: ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଗୁରୁବାର ବାଲେଶ୍ୱର ଓ ଭଦ୍ରକ ଲୋକସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାର କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଛନ୍ତି। ସିମୁଳିଆ, ସୋରୋ, ଧାମନଗର ଓ ଭଣ୍ଡାରୀପୋଖରୀରେ ବିଶାଳ ଜନସଭାରେ ଯୋଗ ଦେଇ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଛନ୍ତି। ଆୟୋଜିତ ସଭାଗୁଡ଼ିକରେ ସେ କହିଥିଲେ ଯେ, ସାଢ଼େ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ସେ ହେଉଛନ୍ତି ପରିବାରର ମୁଖିଆ। ମୁଖିଆ ଭାବରେ ସେ ଆପଣମାନଙ୍କ ଆର୍ଥିକ ବୋଝ ହାଲ୍‌କା କରିବା ପାଇଁ କାମ କରୁଛନ୍ତି। କିନ୍ତୁ କେନ୍ଦ୍ରର ବିଜେପି ସରକାର ଆପଣମାନଙ୍କ ବୋଝ ବଢ଼େଇ ବଢ଼େଇ ଚାଲିଛନ୍ତି। ସେ କହିଲେ ଯେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଓ ଆପଣମାନଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ପୁଣି ଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପ୍ରଥମ ଦସ୍ତଖତରେ ସମସ୍ତଙ୍କୁ ବିଜୁଳି ବିଲ୍‌ରୁ ମୁକ୍ତ କରିବେ। ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇ କାର୍ଡ ସମସ୍ତେ ପାଇବେ। ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବେ। କଲେଜ ପିଲାମାନଙ୍କ ନୂଆ-ଓ ସ୍କଲାରସିପ୍‌କୁ ମଧ୍ୟ ବୃଦ୍ଧି କରିବେ। ପୁଅ ପିଲା ୯ ହଜାର ପରିବର୍ତ୍ତେ ପାଇବେ ୧୨ ହଜାର, ଝିଅ ପିଲା ୧୦ ହଜାର ପରିବର୍ତ୍ତେ ପାଇବେ ୧୪ ହଜାର ଟଙ୍କା। ପିଲାଙ୍କ ପାଇଁ ଏଭଳି ଯୋଜନା ଦେଶରେ କୌଣସି ରାଜ୍ୟ କରିନାହାନ୍ତି ବୋଲି ସେ କହିଥିଲେ। ଏସବୁ ପଦକ୍ଷେପର ଉଦ୍ଦେଶ୍ୟକୁ ବୁଝାଇ ସେ କହିଲେ ଯେ, ୫-ଟି ସ୍କୁଲ, କଲେଜ ଯୋଗୁଁ ବେସରକାରୀ ଶିକ୍ଷାନୁଷ୍ଠାନ ଠାରୁ ମଧ୍ୟ ପିଲାମାନେ ଭଲ ସୁବିଧା ପାଉଛନ୍ତି। ବି.ଏସ୍.କେ.ୱାଇ କାର୍ଡରେ ବେସରକାରୀ ହସପିଟାଲରେ ମଧ୍ୟ ବିନା ଖର୍ଚ୍ଚରେ ଭଲ ଚିକିତ୍ସା ପାଉଛନ୍ତି। ଲକ୍ଷ୍ମୀ ବସ୍‌ରେ ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯିବା ଆସିବା କରିପାରୁଛନ୍ତି। ଏହାଦ୍ୱାରା ଆପଣମାନଙ୍କ




ବୋଝ ହାଲ୍‌କା ହେଉଛି। ଆପଣମାନଙ୍କ ପିଲାମାନେ ଆଗକୁ ବଢ଼ିବାକୁ ସୁଯୋଗ ପାଉଛନ୍ତି। ଏହାଦ୍ୱାରା ସାରା ଓଡ଼ିଶା ଆଗକୁ ବଢ଼ିବ। ସେ କହିଲେ ଯେ, ଓଡ଼ିଶା ଆଗକୁ ବଢୁଛି, ଲୋକଙ୍କ ସ୍ୱପ୍ନ ପୂରଣ ହେଉଛି। ଏହାର ଅନେକ ଉଦାହରଣ ଅଛି। ବଲାଙ୍ଗୀରର ଜଣେ ଅଙ୍ଗନବାଡ଼ି ଦିଦିଙ୍କ ପୁଅ ଡାକ୍ତରୀ ପାଠରେ ଆଡ୍‌ମିଶନ ନେଇଛି। ଜଣେ ଅଙ୍ଗନୱାଡ଼ି ଦିଦି ମଧ୍ୟ ତାଙ୍କ ସ୍ୱପ୍ନ ପୂରଣ କରିପାରୁଛନ୍ତି। ପୁଅକୁ ଡାକ୍ତର କରିପାରୁଛନ୍ତି। ଲୋକଙ୍କ ସ୍ୱପ୍ନ ପୂରଣ ହୋଇପାରୁଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ମା'ମାନଙ୍କୁ, ଯୁବପିଢ଼ିମାନଙ୍କୁ ସଶକ୍ତ କରି ସେମାନଙ୍କ ଜରିଆରେ ନୂଆ ଓଡ଼ିଶା ଗଠନ କରିବାକୁ ଚାହୁଁଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ। କେନ୍ଦ୍ରର ବିଜେପି ସରକାର ପ୍ରସଙ୍ଗରେ ସେ କହିଲେ ଯେ, ସେମାନେ ବହୁତ କଥା କହିଥିଲେ, ପ୍ରତିଶ୍ରୁତି ଦେଇଥିଲେ- ଦରଦାମ୍ କମେଇବା, ଏଲ୍.ପି.ଜି., ପେଟ୍ରୋଲ, ଡିଜେଲ ଆଦି ଦାମ କମେଇବେ ବୋଲି କହିଥିଲେ। କମିଲା କି ? ରୋଜଗାର ଦେବା କଥା କହିଥିଲେ, ଦେଲେ କି ? ତେଣୁ ଆପଣମାନେ ବୁଝନ୍ତୁ। ସେମାନଙ୍କର ଆପଣଙ୍କ ସୁଖଦୁଃଖ ସହିତ କିଛି ସମ୍ପର୍କ ନାହିଁ। ସେମାନେ କେବଳ ୫ ବର୍ଷରେ ଥରେ ଆସିବେ, ଭୋଟ ମାଗିବେ। ନବୀନ ସରକାର ଆପଣଙ୍କ ସୁଖଦୁଃଖର ସାଥୀ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣମାନଙ୍କର ଯାହା ବି କିଛି କାମ ଅଛି, ଦାବି ଅଛି, ସବୁ ମୁଖ୍ୟମନ୍ତ୍ରୀ ପୂରଣ କରିବେ। ସୋରରେ ସେ ବାହାନଗା ଲୋକଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ବାହାନଗା ମାଟି ସାରା ଦେଶକୁ, ସାରା ଦୁନିଆକୁ 'ମଣିଷ ପଣିଆ' ଦେଖାଇଛି। ମଣିଷପଣିଆରେ ନୂଆ ପରିଚୟ ଦେଇଛି। ୫ ବର୍ଷରେ ଥରେ ଆପଣମାନେ ସୁଯୋଗ ପାଇଛନ୍ତି ଆଶୀର୍ବାଦ କରିବା ପାଇଁ। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରନ୍ତୁ। ବିଜୁ ପରିବାରକୁ ଆହ୍ୱାନ ଦେଇ ପାଣ୍ଡିଆନ କହିଲେ ଯେ ଆପଣମାନେ କଠିନ ପରିଶ୍ରମ କରନ୍ତୁ। ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ବହୁ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରଖିବାକୁ ସେ ଅନୁରୋଧ କରିଥିଲେ। ବିଭିନ୍ନ ସ୍ଥାନରେ ବିକାଶର ହିସାବ ଦେଇ ସେ କହିଲେ ଯେ, ମୁଖ୍ୟମନ୍ତ୍ରୀ ସଲ୍ଟ ରୋଡ୍ ପାଇଁ ୬୦ କୋଟି ଦେଇଛନ୍ତି, ଜଳସେଚନ ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ଚାଲିଛି। ଆପଣମାନେ ଯେଉଁ କାମ ପାଇଁ ପ୍ରସ୍ତାବ ଦେଇଥିଲେ ତା'ର ୮୦ ପ୍ରତିଶତ କାମ ହୋଇଯାଇଛି। ସିମୁଳିଆ ଓ ଖଇରାକୁ ଏନ୍.ଏ.ସି ମାନ୍ୟତା ଦିଆଯାଇଛି। ସାଳନ୍ଦୀ ଲେଫ୍ଟ କେନାଲ ଓ ବିଭିନ୍ନ ଆଡ଼ିବନ୍ଧ ନିର୍ମାଣ ଜରିଆରେ ଜଳସେଚନ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ବହୁତ କାମ କରିଛନ୍ତି।






ବାଲେଶ୍ୱର ଓ ଭଦ୍ରକ ଲୋକସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାର କରିବା ଅବସରରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବା ସହ ଭେଟୁଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। (ଫଟୋ : ସମ୍ବାଦ କଳିକା)




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ସରିଲା ନିର୍ବାଚନ ପ୍ରଚାର : ଧ୍ୟାନରେ ବସିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**କେରଳ,୩୦।୦୫**

ଧ୍ୟାନରେ ବସିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ନିର୍ବାଚନୀ ପ୍ରଚାର ଶେଷ ହୋଇଥିବା ବେଳେ କନ୍ୟାକୁମାରୀ ଯାଇ ବିବେକାନନ୍ଦ ସ୍ମାରକୀ ଶିଳାରେ ଧ୍ୟାନ ମୁଦ୍ରାରେ ବସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଶନିବାର ଯାଏଁ ୪୫ ଘଣ୍ଟା ଏଠାରେ ଧ୍ୟାନରେ ବସିବେ। ଏହି ସମୟ ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ କଟକଣା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ଧ୍ୟାନରେ ବସିଥିବା ବେଳେ କୌଣସି ପର୍ଯ୍ୟଟକ ବିବେକାନନ୍ଦ ସ୍ମାରକୀ ଶିଳା ନିକଟକୁ ଯାଇପାରିବେ ନାହିଁ। ଖାଲି ସେତିକି ନୁହେଁ, ସମୁଦ୍ର ଉପକୂଳକୁ ମଧ୍ୟ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ୨୦୧୯ ନିର୍ବାଚନ ପ୍ରଚାର ସରିବା ପରେ କେଦାରନାଥ ଗୁମ୍ଫାରେ ୧୫ ଘଣ୍ଟା ଧ୍ୟାନରେ ବସିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ତେବେ ବିବେକାନ୍ଦ ସ୍ମାରକୀ ଶିଳାରେ ପ୍ରଧାନମନ୍ତ୍ରୀ ଧ୍ୟାନରେ ବସିବାକୁ ନେଇ ଆପତ୍ତି ଉଠାଇଛି କଂଗ୍ରେସ। କଂଗ୍ରେସର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ଫେରାଦ ହୋଇଛନ୍ତି। ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ୪୮ ଘଣ୍ଟା ନିରବତା ସମୟ ଆରମ୍ଭ ହୋଇଥିବା ବେଳେ ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି ଅଭିଯୋଗ କରିଛି କଂଗ୍ରେସ। ପ୍ରଧାନମନ୍ତ୍ରୀ ଧ୍ୟାନରେ ବସିଥିବା ବେଳେ କୌଣସି ଗଣମାଧ୍ୟମରେ ତାହାର ପ୍ରସାରଣ ନକରାଇବାକୁ ନିର୍ବାଚନ କମିଶନଙ୍କ ନିକଟରେ ନିବେଦନ କରିଛି କଂଗ୍ରେସ। ଯଦି କୌଣସି ଗଣମାଧ୍ୟମ ଏହାର ଉଲ୍ଲଂଘନ କରନ୍ତି, ତେବେ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛି କଂଗ୍ରେସ।

## କିଟ୍ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ ସମାରୋହ

# ମଙ୍ଗୋଲିଆରେ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ : ରାଷ୍ଟ୍ରଦୂତ

**ଭୁବନେଶ୍ୱର,୩୦।୦୫**
**ନ୍ୟୁଜ୍‌ବ୍ୟୁରୋ**

ମଙ୍ଗୋଲିଆରେ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ବୋଲି ଭାରତରେ ଅବସ୍ଥାପିତ ମଙ୍ଗୋଲିଆ ରାଷ୍ଟ୍ରଦୂତ ଗନ୍‌ବୋଲ୍‌ଡ ଦାମ୍ବାଜୟ କହିଛନ୍ତି। ଗୁରୁବାର ଅନୁଷ୍ଠିତ କିଟ୍ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗନବୋଲଡ଼ ଶିକ୍ଷା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ କିଟ୍ ଓ କିସ୍ ଏବଂ କିମ୍‌ସ ଯୋଗଦାନକୁ ପ୍ରଶଂସା କରି କହିଲେ, ପ୍ରତ୍ୟେକ ପରିବାରର ଶକ୍ତି ସେହି ପରିବାରର ମହିଳାଙ୍କ ନିକଟରେ ନିହିତ ରହିଥାଏ। ଆମ ଦେଶରେ ମଧ୍ୟ ସମାଜରେ ମହିଳାମାନଙ୍କ ପ୍ରମୁଖ ଭୂମିକା ରହିଛି। ମହିଳାମାନଙ୍କୁ ସଶକ୍ତ କରାଗଲେ ସେମାନେ ଉଚିତ୍ ସମୟରେ ସେମାନେ ସମାଜକୁ ଉଲ୍ଲେଖନୀୟ ପ୍ରତିଦାନ ଦେଇଥାନ୍ତି। ଭାରତ ଓ ମଙ୍ଗୋଲିଆ ମଧ୍ୟରେ ରହିଥିବା ଐତିହାସିକ ଓ ଆଧ୍ୟାତ୍ମିକ ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ, ୨ହଜାର ବର୍ଷ ପୂର୍ବରୁ ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଏହି ସମ୍ପର୍କ ରହିଆସିଛି। ୨ହଜାର ବର୍ଷ ତଳେ ଯେତେବେଳେ ଗମନାଗମନର କୌଣସି



ମାଧ୍ୟମ ନ ଥିଲା ସେତେବେଳେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ମଙ୍ଗୋଲିଆରୁ ସନ୍ୟାସୀମାନେ ଭାରତ ଆସୁଥିଲେ। ଭାରତ ସହ ମଙ୍ଗୋଲିଆର ଆଧ୍ୟାତ୍ମିକ ସମ୍ପର୍କ ଏତେ ନିବିଡ଼ ଥିଲା ଯେ ମଙ୍ଗୋଲିଆର ସନ୍ୟାସୀମାନେ ଗଙ୍ଗାନଦୀର ଜଳ ନେଇ ଉତ୍ତର ମଙ୍ଗୋଲିଆରେ ଥିବା ଏକ ହ୍ରଦରେ ପକାଉଥିଲେ ଯାହାକି ପରବର୍ତ୍ତୀ ସମୟରେ ଗଙ୍ଗା ହ୍ରଦଭାବେ ପ୍ରସିଦ୍ଧି ଲାଭ କରିଥିଲା। କଠିନ ପରିଶ୍ରମ ଓ ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବ ସହ ବିଶ୍ୱ ବିଜୟୀ ହେବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ଗନ୍‌ବୋଲ୍‌ଡ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଲେ, ସବୁବେଳେ ଚ୍ୟାଲେଞ୍ଜକୁ ଗ୍ରହଣ କରି ନିଜ ଆକାଂକ୍ଷାରେ ଦୃଢ଼ ରହିବା ସହ ନିଜ କାର୍ଯ୍ୟରେ ଦୟାଶୀଳ ହେବା ଉଚିତ। ଶିକ୍ଷା ହେଉଛି ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ଅସ୍ତ୍ର ବୋଲି କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ କହିଥିଲେ। ସେ କହିଲେ ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନର କେନ୍ଦ୍ର ଓ ଜ୍ଞାନ ହେଉଛି ଶକ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ ତାଙ୍କ ଉଦ୍‌ବୋଧନରେ ଶିକ୍ଷା, ଗବେଷଣା ଓ କ୍ରୀଡ଼ା କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ଉଲ୍ଲେଖ କରିଥିଲେ। ଏହା ତୁମ ଶୈକ୍ଷିକ କ୍ୟାରିୟର ଶେଷ ହୋଇଥିଲେ ମଧ୍ୟ ଭବିଷ୍ୟତ ଲକ୍ଷ୍ୟ ହାସଲ ନିମନ୍ତେ ଏହା ତୁମମାନଙ୍କୁ ବାଟ ଦେଖାଇବ ବୋଲି ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି ଡିଗ୍ରୀପ୍ରାପ୍ତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ସୋସାଇଟି ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର.ଏନ୍ ଦାଶ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବର୍ତ୍ତନରେ ମୋଟ ୬୬୫ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ସ୍ନାତକୋତ୍ତର ଓ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ କିଟ୍‌ରେ ଅଧ୍ୟୟନ କରୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସମାବର୍ତ୍ତନ ସମାରୋହ ଆୟୋଜନ କରାଯାଇଥାଏ। ଏହି ଅବସରରେ ୨ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୪ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ପ୍ରକାଶ ପାଇବା ଅପେକ୍ଷାରେ...

## 'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)